R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୨
ତିଥି : ଷଷ୍ଠୀ
୧୫ ଫେବୃଆରୀ ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 132
15 Feb 2024, Thursday
Sambalpur
Price: 5.00

Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

DSPL-655

ଆମ ଓଡ଼ିଶା ନବୀନ ଓଡ଼ିଶା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଶୁଭ ଉଦ୍‌ଘାଟନ
୧୫ ଫେବୃଆରୀ ୨୦୨୪

ଆମ ବସ୍‌ଷ୍ଟାଣ୍ଡ
ଯୋଜନା ଅଧିନରେ
୧୩ଟି ଜିଲ୍ଲାରେ ୨୦ଟି ନୂତନ ବସ୍‌ଷ୍ଟାଣ୍ଡ












OIPR: 38002/13/0059/2324

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଓଡ଼ିଶା ସରକାର

# ରୋବୋ ଗାଇଡ୍ ଡଗ୍

ବର୍ତ୍ତମାନ ସାରା ବିଶ୍ୱର କମାଣ୍ଡ ଯେପରି ଏଆଇ ନିଜ ହାତକୁ ନେବାରେ ଲାଗିଛି । କେତେକକ୍ଷେତ୍ରରେ ଏଆଇର ବହୁତ ଭଲ ବ୍ୟବହାର ନଜରକୁ ଆସିଥିବାବେଳେ କେଉଁଠି କେଉଁଠି ଏହାର ନକରାତ୍ମକ ବ୍ୟବହାର ଦେଖିବାକୁ ମିଳୁଛି । ତେବେ ବର୍ତ୍ତମାନ ଏକ ରୋବୋଟିକ୍ କୁକୁର ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ସ୍କଟଲାଣ୍ଡ୍‌ର ଗ୍ଲାସ୍ ଗୋ ଉନିଭର୍ସିଟିରେ ଏହି କୁକୁରକୁ ବିକଶିତ କରାଯାଇଛି । ଏହାକୁ ଏଭଳି ପ୍ରସ୍ତୁତ କରାଯାଇଛି ଯେପରି ଏହା ଗାଇଡ୍ ଡଗ୍‌କୁ ରିପ୍ଲେସ୍ କରିପାରିବ । ଏହା ଟେକ୍ନୋଲୋଜିକୁ ବ୍ୟବହାର କରି ଖୁବ ସତର୍କତାର ସହିତ ଦରକାରୀ ଲୋକଙ୍କୁ ଗାଇଡ୍ କରିବ । ଏଥିରେ ଲାଗିଥିବା ଆଡଭାନ୍ସଡ୍ ସେନ୍ସର କାରଣରୁ ଏହା ନିଜ ପାରିର୍ଶ୍ୱିକ ସ୍ଥିତିକୁ ଭଲ ଭାବେ ବୁଝିବା ସହିତ ବ୍ୟକ୍ତିଙ୍କୁ ଗାଇଡ କରିବାରେ ସମର୍ଥ । ସେହିଭଳି ଏହି ରୋବୋ ଡଗ୍ ଆମର କଥାବାର୍ତ୍ତାକୁ ଶୁଣି ମଧ୍ୟ କାମ କରିପାରିବ । ସେହିଭଳି ଏହା କାର୍ଯ୍ୟ କରୁଥିବା ସମୟରେ ଯଦି ଆଖପାଖରେ କୌଣସି ଗତିଶୀଳ ପଦାର୍ଥ ଆସିଥାଏ ତେବେ ଏହା ସହିତ ଧକ୍କା ହେବାରୁ ମଧ୍ୟ ଏହି ରୋବୋଟ ବଞ୍ଚାଇଥାଏ । ଏହାର କାର୍ଯ୍ୟ କରିବାର ଦକ୍ଷତା ଦୃଷ୍ଟିହୀନ ଲୋକଙ୍କ ପାଇଁ ଖୁବ ଉପାଦେୟ ହେବ ବୋଲି ନିର୍ମାଣକାରୀ ବୈଜ୍ଞାନିକ ପ୍ରକାଶ କରିଛନ୍ତି ।



# ହେଲଦି ଫିଫ୍ଟି

ମହିଳାମାନଙ୍କୁ ୫୦ ବର୍ଷ ହେବାପରେ ସେମାନଙ୍କ ଶରୀରରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି ସମୟରେ ମହିଳାଙ୍କ ଶରୀରକୁ ଖୁବ ପୋଷକ ତତ୍ୱର ଆବଶ୍ୟକତା ପଡିଥାଏ । ତେଣୁ ମହିଳାଙ୍କୁ ଏହି ସମୟରେ ନିଜର ଖୁବ ଅଧିକ ଧ୍ୟାନ ରଖିବାକୁ ପଡିଥାଏ । ଏହି ବୟସର ପିଲାଙ୍କୁ ନିଜର ପ୍ରତିଦିନର ଡାଏଟ୍‌ରେ କିଛି ନା କିଛି ପୋଷଣ ସାମିଲ କରିବାକୁ ହୋଇଥାଏ । ୫୦ ବର୍ଷ ପରେ ମହିଳାମାନଙ୍କର ମସଲ ମାସ କମ ହେବାକୁ ଲାଗିଥାଏ । ସେହିଭଳି ମୁହଁରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ପ୍ରଥମେ ୫୦ ପରେ ନିଜର ଓଜନକୁ ନିୟନ୍ତ୍ରଣରେ ରଖିବାକୁ ହୋଇଥାଏ । ଓଜନ ବଢିବା ଏହି ବୟସରେ ଏକ ସମସ୍ୟା ହୋଇପାରେ । ତେଣୁ ଡାଏଟ୍ ତାଲିକାରୁ ଏଭଳି ଜିନିଷକୁ ବାଦ ଦିଅନ୍ତୁ ଯାହା ଅନାବଶକୀୟ ଓଜନ ବଢାଇବ । ଜଙ୍କ ଫୁଡକୁ ନିଜ ତାଲିକାରୁ ବାଦ ଦିଅନ୍ତୁ, ସବୁବେଳେ ଘରୋଇ ଖାଦ୍ୟ ଖାଇବାକୁ ପ୍ରାଧାନ୍ୟ ଦିଅନ୍ତୁ । ସକାଳୁ ବ୍ୟାୟାମରେ ଧ୍ୟାନ ଦିଅନ୍ତୁ । କିଛି ସମୟ ସକାଳୁ ଚାଲନ୍ତୁ, ଏହା ମନକୁ ଫୂର୍ତ୍ତି ରଖିବା ସହିତ ସତେଜ ରଖିଥାଏ ।



# ଇତିହାସ

୧୭୬୪– ଆମେରିକାରେ ସେଣ୍ଟ ଲୁଇସ୍ ସହରର ସ୍ଥାପନା ।
୧୭୯୮– ଫ୍ରାନ୍ସ ରୋମ୍‌କୁ ନିଜ ଅଧୀନକୁ ନେଇ ଏହାକୁ ଗଣରାଜ୍ୟ ଘୋଷିତ କଲା ।
୧୮୬୯– ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଲେଖକ ମିର୍ଜା ଗାଲିବଙ୍କ ଦେହାନ୍ତ ।
୧୯୦୩– ବିଶ୍ୱର ସବୁଠୁ ଲୋକପ୍ରିୟ ସଫ୍ଟ ଟଏ ଟେଡିବିଅର୍‌କୁ ମାରିସ୍ ମିଖଟାମ୍‌ଙ୍କ ଦ୍ୱାରା ବଜାର ପ୍ରବେଶ କରାଗଲା ।
୧୯୦୬– ବ୍ରିଟେନ୍ ଲେବର ପାର୍ଟିର ସ୍ଥାପନା କରାଗଲା ।
୧୯୪୨– ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସିଙ୍ଗାପୁର ଜାପାନ ସେନା ସମ୍ମୁଖରେ ଆତ୍ମସମର୍ପଣ କଲା ।
୧୯୬୭– ଭାରତରେ ଚତୁର୍ଥ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଲା ।
୧୯୭୬– ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ କେନ୍ଦ୍ରୀୟ କୃଷି ଅନୁସନ୍ଧାନ ସଂସ୍ଥା ସ୍ଥାପିତ ।
୨୦୦୦– ଲୋକପ୍ରିୟ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ବି.ଆର୍. ଚୋପ୍ରାଙ୍କୁ ଦାଦା ସାହେବ ଫାଲକେ ପୁରସ୍କାରରେ ସମ୍ମାନିତ କରାଗଲା ।

# ସୋସିଆଲ କୋଟ୍ସ



କିଛି ଲୋକ ଇତିହାସ ପଢୁଥିବାବେଳେ କିଛି ଏହାକୁ ବଦଳାଇ ଥାଆନ୍ତି । ମୋଦି ଜୀ ଆପଣ ଇତିହାସ ବଦଳାଇଛନ୍ତି । ଆପଣ ରାମ ଜନ୍ମଭୂମିର ୫୦୦ ବର୍ଷର ଇତିହାସକୁ ବଦଳାଇ ଦେଖାଇଦେଇଛନ୍ତି ।

**ଶିଳ୍ପା ସେଟ୍ଟି, ଅଭିନେତ୍ରୀ**



ବର୍ତ୍ତମାନ ସମୟ ଆସିଛି କି ଟିଭି ଇଣ୍ଡଷ୍ଟ୍ରୀକୁ ସମ୍ମାନ ମିଳିବା ଦରକାର । ରଣବୀରଙ୍କର ଫିଲ୍ମ 'ସର୍କସ' ଅସଫଳ ରହିଲା, ଏଥିପାଇଁ ସେ ନିଜ ପ୍ରଡକ୍ଟ ବିକିବା ପାଇଁ ଟିଭି ସିରିଏଲ୍‌ର ସିନ୍ କଥା ଭାବିଲେ ।

**ସାୟନ୍ତନୀ ଘୋଷ, ଅଭିନେତ୍ରୀ**



ସଙ୍ଗୀତ 'କୋଲାବରୀ – ଡି'ରୁ ଫିଲ୍ମକୁ କୌଣସି ଲାଭ ମିଳିନଥିଲା । ଏବେ ପର୍ଯ୍ୟନ୍ତ ବୁଝି ନାହିଁ କି ସେହି ଗୀତଟି ଏତେ ମାତ୍ରାରେ କଣ ପାଇଁ ହିଟ୍ ହୋଇଥିଲା । ଏହା ମୋତେ ଖୁବ ଆଶ୍ଚର୍ଯ୍ୟ କରିଥିଲା ।


**ଐଶ୍ୱର୍ଯ୍ୟା ରଜନୀକାନ୍ତ, ନିର୍ଦ୍ଦେଶକ**

# ୧୭୦୦ ବର୍ଷର ଅଣ୍ଡା



ସାଧାରଣତଃ ଅଣ୍ଡାକୁ କିଛି ସପ୍ତାହ ଷ୍ଟୋର୍ କରି ରଖିଲେ ତାହା ଖରାପ ହୋଇଯାଏ । ଯାହାକୁ ଖାଇବାଯୋଗ୍ୟ ବୋଲି ଆଦୌ ମନେ କରାଯାଏ ନାହିଁ । ହେଲେ ବର୍ତ୍ତମାନ ଏମିତି ଏକ ଅଣ୍ଡାର ସନ୍ଧାନ କରାଯାଇଛି ଯାହା ପ୍ରାୟ ୧୭୦୦ ବର୍ଷର ପୁରୁଣା ବୋଲି କୁହାଯାଉଛି । କେବଳ ଏତିକି ନୁହେଁ, ଏହି ଅଣ୍ଡାର ଭିତର ଅଂଶ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ମଧ୍ୟ ଜଣାପଡ଼ିଛି । ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ । ଇଂଲଣ୍ଡର ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା ଖନନ କରାଯିବା ସମୟରେ ୧୭୦୦ ବର୍ଷ ତଳର ଏହି ଅଣ୍ଡା ମିଳିଛି । ପରେ ଏହି ଅଣ୍ଡାକୁ ସ୍କାନ୍ କରାଯିବା ଦ୍ୱାରା ଅଣ୍ଡାଟି ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଛି । ତେବେ ଏତେ ବର୍ଷ ଧରି ଅଣ୍ଡାଟି ସୁରକ୍ଷିତ ଥିବାରୁ ପ୍ରତ୍ନତତ୍ତ୍ୱ ବିଭାଗର କର୍ମକର୍ତ୍ତାମାନେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଛନ୍ତି । ଇଂଲଣ୍ଡର ବକିଂହାମ୍‌ଶାୟରରେ ଏଲିସବରିର ବେରିଫିଲ୍ଡରେ ମିଳିଥିବା ରୋମାନ ଯୁଗର ଏହି ଅଣ୍ଡା ମଧ୍ୟରେ ଏବେବି ତରଳ ହଳଦିଆ ଓ ଧଳା ଅଂଶ ସୁରକ୍ଷିତ ଭାବେ ରହିଛି । ପ୍ରାୟ ୪ ସେମି ଚଉଡ଼ାବିଶିଷ୍ଟ ଏହି ଅଣ୍ଡାଟି ଏକ ଜଳପୂର୍ଣ୍ଣ ଖାଲରୁ ମିଳିଛି, ଯାହାଫଳରେ ଅଣ୍ଡାଟି ଏତେ ବର୍ଷ ହେବ ସୁରକ୍ଷିତ ରହିଛି ବୋଲି କୁହାଯାଉଛି । ଡିଜିବି କନ୍‌ଜର୍‌ଭେସନ୍‌ର ପ୍ରତ୍ନତତ୍ତ୍ୱବିଦ୍ ଡେନା ଗୁଜବର୍ନ ବ୍ରାଉନ୍‌ଙ୍କ କହିବା ଅନୁସାରେ ଏହି ଅଣ୍ଡା ମଧ୍ୟରେ କିଛି ପାଣି ଫୋଟକା ଦେଖିବାକୁ ମିଳିଥିଲା, ଯାହା ଜରିଆରେ ଅଣ୍ଡା ମଧ୍ୟରେ ଥିବା ତରଳ ପଦାର୍ଥ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଥିବା ଜଣାପଡ଼ିଥିଲା ।

# କିଲର କୁଇନ୍



ଦୁନିଆରେ ଗୋଟିକରୁ ଗୋଟିଏ ଭିନ୍ନ ପକ୍ଷୀ ଅଛନ୍ତି । ମାତ୍ର ଯଦି ବିଷାକ୍ତ ସାପ ଏମାନଙ୍କ ସାମନାକୁ ଆସିଯାଆନ୍ତି ତେବେ ଏହାଠାରୁ ସମସ୍ତେ ଦୂରେଇ ରହିବା ପସନ୍ଦ କରନ୍ତି । ହେଲେ ଏମିତି ଏକ ପକ୍ଷୀ ଅଛି, ଯିଏ ଅଧିକରୁ ଅଧିକ ବିଷାକ୍ତ ସାପ ପାଇଁ ଏକପ୍ରକାରର କାଳ ପାଲଟିଥାଏ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କ୍ଷଣକ ମଧ୍ୟରେ ଏହି ପକ୍ଷୀ ସମସ୍ତ ସାପକୁ ମୃତ୍ୟୁମୁଖରେ ପକାଇଦିଏ । ତେଣୁ ଏହି ପକ୍ଷୀକୁ କିଲର କୁଇନ୍ ବୋଲି କୁହାଯାଏ । ସେକ୍ରେଟାରି ନାମକ ଏହି ପକ୍ଷୀର ଗୋଡ଼ ଖୁବ୍ ଲମ୍ବା ଥିବାବେଳେ ଏହି ପକ୍ଷୀ ଅବିଶ୍ୱସନୀୟ ଭାବେ ଖୁବ୍ ଶକ୍ତିଶାଳୀ ରୂପେ ଆକ୍ରମଣ କରିଥାଏ । ମୁଖ୍ୟତଃ ଏମାନେ ସାପକୁ ଶିକାର କରିଥାଆନ୍ତି । ବିଶେଷକରି ଏମାନେ ଆଫ୍ରିକାର ଘାସ ଥିବା ଅଞ୍ଚଳରେ ଦେଖିବାକୁ ମିଳନ୍ତି । ଏହି ପକ୍ଷୀ ଗୋଡ଼ରେ ହିଁ ସାପକୁ ମକଚି ମକଚି ମାରିଦିଏ । କୁହାଯାଏ ଏହାର ଗୋଡ଼ର ଶକ୍ତି ବାଘ ପଞ୍ଝାର ଶକ୍ତି ସହିତ ପ୍ରାୟତଃ ସମାନ ହୋଇଥାଏ ।

# ସ୍ୱାସ୍ଥ୍ୟପ୍ରଦ ଜିରା



ଭାରତୀୟ ମସଲାରେ ଭରପୂର ମାତ୍ରାରେ ପୁଷ୍ଟିସାର ରହିଛି ବୋଲି ମନେ କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି ଜିରା । ଯାହାକୁ ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟ ପକ୍ଷେ ଅନେକ ଲାଭ ମିଳିଥାଏ । ଏକ ଗବେଷଣାରୁ ଜଣାପଡ଼ିଛି ଯେ ଜିରା ଦ୍ୱାରା ପାଚନ ପ୍ରକ୍ରିୟା ଉନ୍ନତମାନର ହୋଇଥାଏ । ଏହାସହିତ ଓଜନ ହ୍ରାସ ଏବଂ ରକ୍ତରେ ଶର୍କରାର ସ୍ତର ନିୟନ୍ତ୍ରଣାଧୀନ ରହିଥାଏ । ଘରୋଇ ଉପଚାରରେ ଜିରାକୁ ଆମେ କୋଷ୍ଟକାଠିନ୍ୟର ଚିକିତ୍ସା ରୂପେ ମଧ୍ୟ ବ୍ୟବହାର କରିପାରିବା । କାରଣ ପ୍ରତ୍ୟହ ଜିରା ଖାଇବା ଦ୍ୱାରା ଏହି ସମସ୍ୟାରୁ ଆଶ୍ୱସ୍ତି ମିଳିଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି । ଏହା ପାଚନ ଏନ୍‌ଜାଇମ୍‌ର ଗତିବିଧିକୁ ପ୍ରୋତ୍ସାହିତ କରି କୋଷ୍ଠକାଠିନ୍ୟ ସହିତ ପେଟ ସମସ୍ୟା ଓ ମେଟାବଲିଜିମ୍‌କୁ ଠିକ୍ କରିବାରେ ବିଶେଷ ସହାୟକ ହୋଇଥାଏ । ସେହିପରି ଜିରାରେ ଆଇରନ୍‌ର କିଛି ମାତ୍ରା ଥାଏ, ଯାହା ଶରୀରକୁ ଦୈନିକ ପ୍ରାୟ ୨୦ ପ୍ରତିଶତ ଆଇରନ୍ ଯୋଗାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସୂଚନା ମୁତାବକ, ଜିରାକୁ ରାତିରେ ପାଣିରେ ଭିଜେଇ ସକାଳେ ସେହି ପାଣିକୁ ପିଇବା ଦ୍ୱାରା ଖୁବ୍ ଲାଭ ମିଳିବ ।

# ନୂଆ ଯୋଡି



ବିଗ୍‌ବସ୍ ପରେ ସବୁ ପ୍ରତିଯୋଗୀଙ୍କୁ ବେଶ୍ ଲାଇମ୍ ଲାଇଟ୍ ମିଳିଥାଏ । ସେମାନଙ୍କର ଅନେକ ପ୍ରୋଜେକ୍ଟ ରିଲିଜ୍ ହେବାରେ ଲାଗିଥାଏ । ଏହି ତାଲିକାରେ ବର୍ତ୍ତମାନ ସାମିଲ ହୋଇଛନ୍ତି ବିଗ୍‌ବସ୍ ୧୭ର ବିଜେତା ମୁନାୱର ଫାରୁକୀ । ମୁନାୱର ଫାରୁକିଙ୍କୁ ପୂର୍ବତନ ବିଗ୍‌ବସ୍ ପ୍ରତୋଯୋଗୀ ହିନା ଖାନଙ୍କ ସହିତ ଆଗକୁ ଦେଖିବାକୁ ମିଳିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି । ତାଙ୍କର ହିନାଙ୍କ ସହିତ କିଛି ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯାହାପରେ ଏହି ଚର୍ଚ୍ଚାକୁ ଖୋରାକ ମିଳିଛି । ଫଟୋରେ ଉଭୟ ବେଙ୍ଗଲୀ ଲୁକ୍‌ରେ ନଜର ଆସିଛନ୍ତି । ତେଣୁ ଆଗକୁ ଉଭୟଙ୍କୁ କୌଣସି ବେଙ୍ଗଲୀ ପ୍ରୋଜେକ୍ଟରେ ଏକାଠି ଦେଖିବାକୁ ମିଳିବ ବୋଲି ଫ୍ୟାନ ଚର୍ଚ୍ଚା କରୁଛନ୍ତି । ବିଗ୍‌ବସ୍ ପରେ ହିନାଙ୍କ ଚର୍ଚ୍ଚା ସବୁଠି ଥିଲା । ସେ ତାଙ୍କ ସିଜିନ୍‌ର ରନର୍ସଅପ ହୋଇଥିଲେ ମଧ୍ୟ ସବୁଠାରୁ ଚର୍ଚ୍ଚିତ ପ୍ରତିଯୋଗୀଙ୍କ ଥିଲେ । ଏହାପରେ ହିନାଙ୍କୁ ଖୁବ କେତୋଟି ମ୍ୟୁଜିକ୍ ଭିଡିଓରେ ଦେଖିବାକୁ ମିଳିଥିଲା, ଯାହାକୁ ଦର୍ଶକ ଖୁବ ପସନ୍ଦ କରିଥିଲେ ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୩୨
ତିଥି : ଷଷ୍ଠୀ
୧୫ ଫେବୃଆରୀ ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 132
15 Feb 2024, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

### ଗଞ୍ଜାମ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

## ଜଳସେଚନ, ରାସ୍ତା, ସେତୁ ଓ ଅନ୍ୟାନ୍ୟ ଭିତ୍ତିଭୂମିର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର, ୧୪।୨ (ସବ୍ୟୁ) : ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ଅନେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ ହିଞ୍ଜିଳି-ଶେରଗଡ଼ ଯାଇ ସେଠାରେ ୧୮୧.୭୮ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୭ଟି ପ୍ରକଳ୍ପର ଶୁଭ ଉଦ୍ଘାଟନ କରିବା ସହିତ ୧୩୬.୭୮ କୋଟି ଟଙ୍କାର ୮ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ଶୀତଳାପଲ୍ଲୀଠାରେ ୬୩୯.୮୧ କୋଟି ଟଙ୍କା ମୂଲ୍ୟର ୨୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ୨୯୯୪ କୋଟି ଟଙ୍କାର ୫୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।



ଶେରଗଡ଼ଠାରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ସହଯୋଗରେ ହିଞ୍ଜିଳି-ଶେରଗଡ଼ ଦେଶର ଶ୍ରେଷ୍ଠ ବ୍ଲକ୍ ଭାବେ ପରିଚୟ ପାଇଛି ଏବଂ ଏହି ନିର୍ବାଚନ ମଣ୍ଡଳୀ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ମଧ୍ୟ ପରିଣତ ହୋଇଛି । ୫-ଟି ଉପକ୍ରମରେ ରୂପାନ୍ତର ଅଭିଯାନର ଭିତ୍ତି ପ୍ରଥମେ ହିଞ୍ଜିଳି-ଶେରଗଡ଼ରୁ ହିଁ ଆରମ୍ଭ ହୋଇଥିଲା । ମା'ତାରାତାରିଣୀ ପୀଠର ଉନ୍ନତି ସହିତ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ଏଠାରୁ ଆରମ୍ଭ ହୋଇଥିଲା । ଏହିସବୁ ରୂପାନ୍ତର କାର୍ଯ୍ୟ ଆଜି ଦେଶବିଦେଶକୁ ଆକର୍ଷିତ କରୁଛି । ଆଜି ହାଇସ୍କୁଲ

### ଶେରଗଡକୁ ଏନ୍‌ଏସି ମାନ୍ୟତା

ରୂପାନ୍ତର କାର୍ଯ୍ୟ ଶେଷହୋଇ ସାରା ରାଜ୍ୟରେ ୮୦୦୦ରୁ ଅଧିକ ହାଇସ୍କୁଲ ରୂପାନ୍ତରିତ ହୋଇଛି । ପିଲାମାନଙ୍କ ଖୁସି ଓ ଲୋକଙ୍କ ଖୁସି ଦେଖି ସେ ବି ଆନନ୍ଦିତ ବୋଲି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

### ନିର୍ବାଚନୀ ଗସ୍ତ କରୁଥିବା ଅନ୍ୟ ଦଳର ନେତାଙ୍କୁ ଦରଖାସ୍ତ ଦିଅ

## ଦେଖ କେତେ ଦିନରେ ସମସ୍ୟା ସମାଧାନ ହେଉଛି : ପାଣ୍ଡିଆନ




### ନିର୍ବାଚନୀ ପ୍ରତିଶ୍ରୁତି ଦେଉଥିବା ନେତାଙ୍କୁ ତୀର୍ଯକ ବାଣ

ଭୁବନେଶ୍ୱର, ୧୪।୨ (ସବ୍ୟୁ) : ଏବେ ନିର୍ବାଚନୀ ମାହୋଲ ତିଆରି ହେଲାଣି । ଗାଁ ଗାଁରେ ବିଭିନ୍ନ ଦଳର ନେତା ବୁଲୁଛନ୍ତି । ସେମାନଙ୍କୁ ଦାବିପତ୍ର ଦେଇ ଦେଖନ୍ତୁ । କେତେ ଦିନରେ ସେମାନେ ଦାବି ପୂରଣ କରୁଛନ୍ତି । କେତେ ଦିନରେ ଦରଖାସ୍ତର ସମାଦାନ ହେଉଛି । ବିରୋଧୀ ଦଳର ନେତାମାନଙ୍କ ସମ୍ପର୍କରେ ଏମିତି ତୀର୍ଯ୍ୟକ ମନ୍ତବ୍ୟ ଦେଇଛନ୍ତି ଫାଇଭ-ଟି ଓ ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ।

ଆଜି ଭିସି ମାଧ୍ୟମରେ ସମ୍ବଲପୁର ଜିଲ୍ଲାର ଲୋକଙ୍କ ସହ କଥା ହେବା ସହ ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁରୀପତ୍ର ବଣ୍ଟନ ପର୍ବରେ (୯ ପୃଷ୍ଠାରେ)


## କଂଗ୍ରେସରୁ ଇସ୍ତଫାର ସୁଅ

ଭୁବନେଶ୍ୱର, ୧୪।୨ (ସବ୍ୟୁ) : ରାଜ୍ୟ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ନୂଆ ପ୍ରଭାରୀଙ୍କୁ ନିଯୁକ୍ତି ଦିଆଗଲା । ସଂଗଠନକୁ ମଜଭୁତ କରିବା ଲାଗି କାର୍ଯ୍ୟକ୍ରମ ହେଲା । ରାହୁଲ ଗାନ୍ଧି ମଧ୍ୟ ଓଡ଼ିଶା ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ଆସିଲେ । ହେଲେ କଂଗ୍ରେସରୁ ଇସ୍ତଫାର ସୁଅ ଲାଗି ରହିଛି । କେବଳ ସେତିକି ନୁହେଁ, ରାଜ୍ୟ କଂଗ୍ରେସ (୯ ପୃଷ୍ଠାରେ)



## ଓଲଟିଲା ବସ୍ : ୧ ମୃତ, ୧୬ରୁ ଉର୍ଦ୍ଧ୍ୱ ଆହତ

ଫୁଲନଖରା, ୧୪।୨ (ସବ୍ୟୁ) : ୧୬ନଂ ଜାତୀୟ ରାଜପଥର କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଠାରେ ଭାରସାମ୍ୟ ହରାଇ ଓଲଟି ପଡିଲା ଯାତ୍ରୀବାହୀ ବସ୍ । ସୂଚନାଯୋଗ୍ୟ ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଚନ୍ଦନ ନାମକ ଏକ ଘରୋଇ



ଯାତ୍ରୀବାହୀ ବସ୍ ୨୫ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ଗୋପାଳପୁର ଠାରେ ହଠାତ୍ ଏକ ସାଇକେଲ ଆରୋହୀ ବସ୍ ସମ୍ମୁଖକୁ ପଶି ଆସିଥିଲା । ସାଇକେଲ୍ ଆରୋହୀକୁ ବଂଚାଇବାକୁ ଯାଇ ବସ୍‌ଟିକୁ ଡାହାଣ ପାର୍ଶ୍ୱକୁ କାଟି ଦେବା ଫଳରେ ରାସ୍ତା (୯ ପୃଷ୍ଠାରେ)

## ବରିଷ୍ଠ ବୁଣାକାର, ବୁଣା ସହାୟକ ଓ ହସ୍ତଶିଳ୍ପ କାରିଗରଙ୍କ କଲ୍ୟାଣ ପାଇଁ ନୂଆ ଯୋଜନା

ଭୁବନେଶ୍ୱର, ୧୪।୨ (ସବ୍ୟୁ) : ରାଜ୍ୟର ବରିଷ୍ଠ ବୁଣାକାର ଓ ହସ୍ତ ଶିଳ୍ପ କାରିଗର ମାନଙ୍କ ପାଇଁ ଖୁସି ଖବର । ସେମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି ନୂଆ ଯୋଜନା । 'ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା' ।

ଏହି ଯୋଜନାରେ ୪୦ ବର୍ଷରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ମହିଳା ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର, ଏବଂ ୫୦ରୁ ୮୦ ବର୍ଷ ବୟସ ମଧ୍ୟରେ ଥିବା ପୁରୁଷ (୯ ପୃଷ୍ଠାରେ)

Sri Shankara CANCER FOUNDATION

ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ
୭୫୦ ଶଯ୍ୟା ବିଶିଷ୍ଟ ବିସ୍ତୃତ କର୍କଟ ହସ୍ପିଟାଲ
ଆରୋଗ୍ୟ ପାଇଁ ସମର୍ପିତ,
ଆଶା ଦ୍ୱାରା ଅନୁପ୍ରାଣିତ





ଶ୍ରୀ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର
ଙ୍କ ଦ୍ୱାରା
ଦେଶବାସୀଙ୍କ ସେବାରେ
ଲୋକାର୍ପିତ
୧୫ ଫେବୃୟାରୀ ୨୦୨୪
ଅପରାହ୍ନ : ୪.୩୦

ଠିକଣା:
ଇନ୍‌ଫୋ ଭ୍ୟାଲି, ବଡ଼ ରଘୁନାଥପୁର, ଚଣ୍ଡିହେଟା, ଓଡ଼ିଶା
ଇମେଲ୍ - contact@bagchishankara.org
ମୋବାଇଲ୍ - 0674-6799999
www.shankaracancerhospital.org

ମିଳିତ ଭାବରେ, ଆମେ ଆରୋଗ୍ୟ ପାଇଁ ଚେଷ୍ଟା କରୁ । ଏକତ୍ର ଆମେ ପ୍ରତିହତ କରିବା । ବାଗ୍‌ଚି ଶ୍ରୀ ଶଙ୍କରା କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ । ଯେଉଁଠାରେ ଆଶା ବାସ୍ତବରେ ପରିଣତ ହୁଏ !





ସମ୍ବଲପୁର ବାସୀନ୍ଦାଙ୍କ ସହ ଭିସି ମାଧ୍ୟମରେ ଆଲୋଚନା କରୁଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍

### ସମ୍ ହସ୍ପିଟାଲ୍ ଶିତଳାପଲ୍ଲୀ କ୍ୟାମ୍ପସ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

# ଓଡିଶାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ସୋଆର ଆଉ ଏକ ପଦକ୍ଷେପ

ଭୁବନେଶ୍ୱର (ସବ୍ୟୁ): ଦକ୍ଷିଣ ଓଡିଶାର ଜନସାଧାରଣଙ୍କୁ ଉତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ସ୍ଥାପିତ ହୋଇଥିବା ସମ୍ ହସ୍ପିଟାଲର ଶିତଳାପଲ୍ଲୀ କ୍ୟାମ୍ପସ୍‌କୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି । ଦୀର୍ଘ ୧୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଜନସାଧାରଣଙ୍କୁ ଅବିରତ ତଥା ଉତ୍ସର୍ଗୀକୃତ ଭାବେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ଆସୁଥିବା ଶିକ୍ଷା ଓ ଅନୁସନ୍ଧାନ ପକ୍ଷରୁ ଦକ୍ଷିଣ ଓଡ଼ିଶାରେ ଉତମ ତଥା ଅତ୍ୟାଧୁନିକ ସେବା ପ୍ରଦାନ କରିବା ଲକ୍ଷ୍ୟ ନେଇ ଗଂଜାମ ଜିଲ୍ଲା ବ୍ରହ୍ମପୁର ନିକଟ ଶିତଳାପଲ୍ଲୀ ଠାରେ ସ୍ଥାପିତ ଏହି ମଲ୍ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌କୁ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ହସ୍ପିଟାଲ କ୍ୟାମ୍ପସ୍‌ରେ ପହଂଚିବା ପରେ ଫଳକ ଉନ୍ମୋଚନ ସହ କ୍ୟାମ୍ପସ୍ ପରିସରରେ ବୃକ୍ଷ ରୋପଣ କରିଥିଲେ ଓ ଆନୁଷ୍ଠାନିକ ଭାବେ ହସ୍ପିଟାଲ୍‌ଟିକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସୋଆର ପ୍ରତିଷ୍ଠାତା ସଭାପତି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଏହି ଅବସରରେ ୫ଟି ତଥା ନବୀନ ଓଡିଶାର ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନ୍ ମଂଚରେ ଉପସ୍ଥିତ ଥିଲେ ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଏବଂ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ ଉପସ୍ଥିତ ଥିଲେ । ସମ୍ ହସ୍ପିଟାଲ୍ ଶିତଳାପଲ୍ଲୀ କ୍ୟାମ୍ପସ୍ ଠାରେ ୨୦୦ ଶଯ୍ୟାର ସୁବିଧା ରହିଥିବା ବେଳେ ଆଗାମୀ ଦିନରେ ଏହାର ସଂଖ୍ୟା ବୃଦ୍ଧି ପାଇ ୫୦୦ ହେବ। ଏହି ଡାକ୍ତରଖାନାରେ ସୁଲଭ ମୂଲ୍ୟରେ ସମସ୍ତ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ସୁବିଧା ଉପଲବ୍ଧ ହେବା ସହ ୨୪ ଘଂଟା ରୋଗୀ ସେବା ପ୍ରଦାନ କରାଯିବ । ସମ୍ ହସ୍ପିଟାଲର ଏହି



ନୂତନ ମଲ୍ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ୍‌ରେ ସମସ୍ତ ସ୍ପେଶିଆଲିଟି ଓ ସୁପର ସ୍ପେଶିଆଲିଟି ବିଭାଗ ରହିଛି। ଦେଶ ତଥା ବିଦେଶରେ ତାଲିମ ପ୍ରାପ୍ତ ବିଶିଷ୍ଟ ସ୍ୱାସ୍ଥ୍ୟସେବା ବିଶେଷଜ୍ଞମାନେ ଏଠାରେ ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରିବେ ।

୨୦୨୩ ମସିହାରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରିଚାଳିତ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆରଏଫ୍)ର ର୍ୟାଙ୍କିଙ୍ଗ୍‌ରେ ଦେଶର ୧୬ ତମ ଶ୍ରେଷ୍ଠ ମେଡିକାଲ୍ କଲେଜ ଭାବେ ସ୍ଥାନୀତ ହୋଇଥିବା ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ , ଭୁବନେଶ୍ୱର ଦୀର୍ଘ ୧୯ ବର୍ଷ ହେବ ଓଡ଼ିଶା ସମେତ ପୂର୍ବାଂଚଳ ରାଜ୍ୟଗୁଡ଼ିକ ନିମନ୍ତେ ଏକ ନିର୍ଭରଯୋଗ୍ୟ ଓ ଲୋକପ୍ରିୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ଉଭା ହୋଇଛି। ଏହି ହସ୍ପିଟାଲ ୨୦୦୫ ମସିହାରେ ରାଜ୍ୟବାସୀଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା। ଡାକ୍ତରୀ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଏକ ମାଇଲ ଖୁଂଟ ସୃଷ୍ଟି କରିଛି । ଗତ ଜାନୁଆରୀ ମାସ ୨୧ ତାରିଖରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଦ୍ୱିତୀୟ କ୍ୟାମ୍ପସ୍ ଫୁଲନଖରା ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ୨୦୨୦ ମସିହାରେ କୋଭିଡ୍-୧୯ ମହାମାରୀର କରାଳ ଛାୟା ସାରା ବିଶ୍ୱର ଜନ ଜୀବନକୁ କବଳିତ କରିଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଅବିରତ ଓ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲା। ସମ୍ କୋଭିଡ ହସ୍ପିଟାଲ୍ ଗୁଡ଼ିକ ଯୋଗୁଁ ହିଁ ଓଡିଶାରେ କରୋନା ମୃତ୍ୟୁ ହାର କମ୍ ରହିଥିଲା। ।

ବୁଧବାର ଏହି ନୂତନ ହସ୍ପିଟାଲର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିତଳାପଲ୍ଲୀ କ୍ୟାମ୍ପସ୍ ର ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ଆନନ୍ଦ ଶଙ୍କର ଶାସ୍ତ୍ରୀ , ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱର ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର , ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍, ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର ରାଜେଶ କୁମାର ଲେଙ୍କା, ଆଇଟିଇଆର୍ ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ୍, ଏସ୍‌ଏଚ୍‌ଏମ୍ ର ଡିନ୍ ପ୍ରଫେସର ସୁଶାନ୍ତ ରଂଜନ ଚଇନି, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ, ସୁମା ରିଅଲ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ର ସିଇଓ ସୁନୀଲ ଦାସ, ଜଏଂଟ୍ ରେଜିଷ୍ଟ୍ରାର ଡକ୍ଟର ଶଶାଙ୍କ ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ର ଅଫିସର୍ ଅନ୍ ସ୍ପେଶିଆଲ୍ ଡ୍ୟୁଟି ପ୍ରହ୍ଲାଦ ମହାନ୍ତି, ଚିଫ୍ ଭିଜିଲାନ୍ସ ଅଫିସର୍ ଯୁଗଳ ଦାସ, ଲିଗାଲ୍ ଆଫେୟାସ୍ ର ନିର୍ଦ୍ଦେଶକ ସଂଜୟ କୁମାର ସାହୁ, କର୍ପୋରେଟ୍ କମ୍ୟୁନିକେସନ୍ ବିଭାଗ ର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ ସମେତ ଅନ୍ୟାନ୍ୟ ବରିଷ୍ଠ ଡାକ୍ତର, ନର୍ସ, ପାରାମେଡିକ୍ସ ଓ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ।

# ଅଶ୍ୱିନୀ ବୈଷ୍ଣବ ବିଜେପିର ରାଜ୍ୟସଭା ପ୍ରାର୍ଥୀ
## ସମର୍ଥନ କଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ), : କଳ୍ପନାଜଳ୍ପନାର ଅବସାନ ଘଟିଛି । ରାଜ୍ୟସଭାକୁ ଓଡ଼ିଶାରୁ ତୃତୀୟ ପ୍ରାର୍ଥୀ କିଏ ତାହା ଉପରୁ ପରଦା ଉଠିଛି । ବିଜେପି ପକ୍ଷରୁ ଆଜି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରାର୍ଥୀ ହେବେ ବୋଲି ଘୋଷଣା କରାଯାଇଛି । ବିଜେପିର ଏହି ଘୋଷଣା ପରେ ତାଙ୍କ ପ୍ରାର୍ଥୀତ୍ୱକୁ ବିଜେଡ଼ି ସମର୍ଥନ କରିବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଦର୍ଶାଯାଇଛି ।



ବିଜେଡ଼ି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କର ସ୍ୱାକ୍ଷରରେ ଆସିଥିବା ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ଯେ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରରେ ରେଳ, ଯୋଗାଯୋଗ, ସୂଚନା ଓ ବୈଷୟିକ ମନ୍ତ୍ରୀ ଅଛନ୍ତି । ରାଜ୍ୟରେ ରେଳ ଓ ଟେଲିକମ ବିକାଶ ଲାଗି ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୨୦୨୪ ନିର୍ବାଚନରେ ତାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରାଯିବ ବୋଲି ଉଲ୍ଲେଖ କରାଯାଇଛି । ସୂଚନାଯୋଗ୍ୟ ୩ ଆସନ ଲାଗି ନିର୍ବାଚନ ହେବ । ବିଜେଡି ପକ୍ଷରୁ ପ୍ରଥମେ ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା । ଘୋଷଣା ହୋଇଥିବା ଦୁଇ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ, ସୁବାଶିଷ ଖୁଣ୍ଟିଆ ଇତିମଧ୍ୟରେ ନାମାଙ୍କନପତ୍ର ଦାଖଲ କରିସାରିଛନ୍ତି । ତୃତୀୟ ପ୍ରାର୍ଥୀକୁ ନେଇ ସସ୍‌ପେନ୍ସ ଲାଗି ରହିଥିଲା । ଆଜି ତାହା ଦୂର ହୋଇଛି । ଓଡ଼ିଶା ଗସ୍ତରେ ଥିବା ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲି ବିଧିବଦ୍ଧ ଭାବେ ନାମାଙ୍କନପତ୍ର ଦାଖଲ କରିବେ । ୨୦୧୯ରେ ମଧ୍ୟ ସେ ବିଜେଡ଼ି ସମର୍ଥନରେ ରାଜ୍ୟସଭାକୁ ଯାଇଥିଲେ ।

# ବିଶିଷ୍ଟ ସାହିତ୍ୟିକ ସାତକଡି ହୋତାଙ୍କ ବିୟୋଗରେ ଶୋକ

କଟକ,(ସବ୍ୟୁ) : ବିଶିଷ୍ଟ ସାହିତ୍ୟିକ,ସାରସ୍ୱତ ସାଧକ, ପ୍ରଶାସକ, ମୟୂରଭଞ୍ଜ ମାଟିର କୃତୀ ସନ୍ତାନ ତଥା ଦୈନିକ ଖବର କାଗଜ ସମୟର ମୁଖ୍ୟ ସଂପାଦକ ସାତକଡି ହୋତାଙ୍କ ବିୟୋଗରେ କଟକ ସଦର ୪୨ମୌଜା ପଟଣା ଗ୍ରାମର ସର୍ବ ପୁରାତନ ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ରଥ,ପ୍ରଧାପକ ଡକ୍ଟର କଲିମୁଲ୍ଲା,ଇଞ୍ଜିନିୟର ସାମ୍ବାଦିକ ସେବକ ଶ୍ରୀକାନ୍ତ,ସଭାପତି କବୀ ସରୋଜ ନଳିନୀ ପରିଜା,କାର୍ଯ୍ୟକାରୀ ସଭାପତି ଶିକ୍ଷକରତ୍ନ ଅଭୟ କୁମାର ଦାସ, ଶିଳ୍ପୀ ଉପେନ୍ଦ୍ର ବାରିକ,ରାଜନୀତିଜ୍ଞ ପ୍ରଭାତ କୁମାର ଖଟୁଆ,ମହାସଚିବ କବି ରୁଦ୍ର ନାରାୟଣ ଦାସ,ସମ୍ପାଦକ ସଂଗ୍ରାହକ ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଶୋକ ପାଳିବା ସହିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ତାଙ୍କର ଅମର ଆତ୍ମାର ସଦଗତି ପ୍ରାର୍ଥନା କରିଛନ୍ତି

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ ଏସିଆନର ସେକ୍ରେଟାରୀ ଜେନେରାଲ ଡ. କାଓ କିମ୍ ହୋର୍ଣ୍ଣ

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦକ୍ଷିଣ ପୂର୍ବ ଏସୀୟ ଦେଶ (ଏସିଆନ)ର ସେକ୍ରେଟାରୀ ଜେନେରାଲ ଡ. କାଓ କିମ୍ ହୋର୍ଣ୍ଣଙ୍କ ସହ ସାକ୍ଷାତ୍ ଆଲୋଚନା କରିବା ସହ ଶିକ୍ଷା କ୍ଷେତ୍ରରେ ଏସିଆନ୍ ଦେଶ ଗୁଡ଼ିକ ସହିତ ଭାରତର ସମ୍ପର୍କକୁ ମଜଭୂତ୍ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଦକ୍ଷିଣ ପୂର୍ବ ଏସୀୟ ଦେଶ ଗୁଡ଼ିକ ସହିତ ଭାରତର ଏକ ଦୃଢ଼ ସଭ୍ୟତାଗତ ସମ୍ପର୍କ ରହିଆସିଛି । ଏସିଆନ ସହ ଭାରତର ସମ୍ପର୍କ ଦେଶର ବୈଦେଶିକ ନୀତିର ଏକ ପ୍ରମୁଖ ସ୍ତମ୍ଭ । ଭାରତର ଆକ୍ଟ ଇଷ୍ଟ ପଲିସି ଆଧାରରେ ଶିକ୍ଷା କ୍ଷେତ୍ରରେ ଏସିଆନ-ଭାରତ ସମ୍ପର୍କକୁ ଆହୁରି ସୁଦୃଢ କରିବା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା । ମେଧାବୀ



ଛାତ୍ରଛାତ୍ରୀଙ୍କ ଆଦାନ ପ୍ରଦାନ, ଆଞ୍ଚଳିକ ସ୍ୱାର୍ଥ ସମ୍ବନ୍ଧୀୟ ବିଷୟରେ ମିଳିତ ଭାବରେ ଗବେଷଣା ଏବଂ ଅନୁଷ୍ଠାନିକ ସମ୍ପର୍କକୁ ପ୍ରୋତ୍ସାହିତ କରି ସହଯୋଗକୁ ସୁଦୃଢ଼ କରିବା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିବା ଟ୍ୱିଟ୍ କରି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଆଲୋଚନା କାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନୂଆ ଜାତୀୟ ଶିକ୍ଷା ନୀତି ଅଧୀନରେ ନିଆଯାଉଥିବା ପଦକ୍ଷେପ ଏବଂ ଶିକ୍ଷା ପ୍ରଦାନ କରିବା ପାଇଁ ଭାରତ ଆପଣାଉଥିବା ଡିଜିଟାଲ ଭିତ୍ତିଭୂମି ଉପରେ ଡ. କାଓ କିମ୍ ହୋର୍ଣ୍ଣଙ୍କୁ ଅବଗତ କରାଇଥିଲେ । ଜାତୀୟ ଶିକ୍ଷା ନୀତି ଭାରତୀୟ ଜ୍ଞାନ ପ୍ରଣାଳୀ ଏବଂ ମାତୃଭାଷାରେ ଶିକ୍ଷାର ଭୂମିକା ଉପରେ ବଶେଷ ଗୁରୁତ୍ୱ ଦେଉଥିବା ସେ କହିଥିଲେ ।

## ୨୦ଗ୍ରାମ ବ୍ରାଉନସୁଗର ଜବତ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ): ଲକ୍ଷ୍ମୀସାଗର ଥାନା ପୋଲିସର ଏକ ସ୍ପେଶାଲ ଟିମ ଥାନା ଗାଁଗୁଆ ନାଳ ବ୍ରିଜ ପାଖରେ ଥିବା ମଙ୍ଗରାଜ ପଏଣ୍ଟ ନିକଟରେ ଚଢାଉ କରି, ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୁକ୍ତ ଆକିଲ ଓରଫ ମହମ୍ମଦ ଆକିଲ (୨୬)କୁ କାବୁ କରିବାରେ ସକ୍ଷମ ହୋଇଛି । ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୨୦ ଗ୍ରାମ ବ୍ରାଉନସୁଗର ଜବତ କରିଛି । ଆକିଲ ବ୍ରାଉନସୁଗର ବିକ୍ରିରେ ବ୍ୟବହାର କରୁଥିବା ଆକ୍ଟିଭା ସ୍କୁଟର ଜବତ ହୋଇଛି । ଆକିଲ ଘର ବାଲେଶ୍ୱର ଜିଲ୍ଲାରେ ବୋଲି ପୋଲିସ କହିଛି । ସେ ବାଲେଶ୍ୱରରୁ ବ୍ରାଉନସୁଗର ଆଣି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବିକ୍ରି କରିବା ସମ୍ପର୍କରେ ପୋଲିସ ଖବର ପାଇଥିଲା । ଅଭିଯୁକ୍ତକୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

# ମମତା ଯୋଜନାରେ ୬୦ଲକ୍ଷରୁ ଅଧିକ ମହିଳା ଉପକୃତ : ବିଜେଡି

ଭୁବନେଶ୍ୱର (ସବ୍ୟୁ): ନବୀନ ସରକାର ଗତ ୨୪ ବର୍ଷଧରି ଓଡ଼ିଶାରେ ମହିଳାଙ୍କ ବିକାଶ ଓ ସଶକ୍ତିକରଣ ପାଇଁ ସବୁବେଳେ କଠିନ ପରିଶ୍ରମ କରିଛନ୍ତି । ମିଶନ ଶକ୍ତିମାଧ୍ୟମରେ ୬ ଲକ୍ଷ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଛି । ମମତା ଯୋଜନାରେ ୬୦ ଲକ୍ଷରୁ ଅଧିକ ଗର୍ଭବତୀ ମହିଳା ଓ ମା' ଉପକୃତ ହୋଇଥିବା ବେଳେ ବିଜେଡି ସରକାର ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏପର୍ଯ୍ୟନ୍ତ ପ୍ରାୟ ୨୯୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ ଓ ସୋଫିଆ ଆଲାମ । ଶ୍ରୀମତୀ ସାହୁ ଓ ଶ୍ରୀମତୀ ଆଲାମ ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଓଡ଼ିଶାର କୋଟି କୋଟି ମହିଳାଙ୍କ ସଶକ୍ତିକରଣକୁ ନେଇ ଏଭଳି ଏକ ଐତିହାସିକ ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଥିବା ସରକାର ମମତା ଯୋଜନା



ସହାୟତାକୁ ୫ ହଜାରରୁ ୧୦ ହଜାର ଟଙ୍କାକୁ ଦ୍ୱିଗୁଣିତ କରିଛନ୍ତି । ଏହା ଓଡ଼ିଶାର ଲକ୍ଷ ଲକ୍ଷ ମା' ଓ ରାଜ୍ୟର କୋଟି କୋଟି ମହିଳାଙ୍କ ପ୍ରତି ବିଜେଡି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି ।

ବର୍ତ୍ତମାନ ମମତାଯୋଜନା ଅଧୀନରେ ଥିବାମା'ମାନଙ୍କୁ ଦୁଇଟି କିସ୍ତିରେ ୫୦୦୦ ଟଙ୍କା ମିଳୁଛି । ଏବେ ସେମାନଙ୍କୁ ୬୦୦୦ ଓ ୪୦୦୦ ଟଙ୍କାର ଦୁଇଟି କିସ୍ତିରେ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ । ୨୦୨୩ ଅଗଷ୍ଟରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ସହାୟତା ପ୍ରଦାନ କରାଯିବ ଏବଂ ୨୦୨୩ ଅଗଷ୍ଟରୁ ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଫେବୃଆରୀ ୨୦ରୁ ୨୫ତାରିଖ ମଧ୍ୟରେ ଅର୍ଥ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁମୃତ୍ୟୁ ଓ ମାତୃମୃତ୍ୟୁ ହାର ପୁଷ୍ଟିହୀନତା ହ୍ରାସ କରିବା ପାଇଁ ୨୦୧୧ ମସିହାରେ ମମତା ଯୋଜନା ଆରମ୍ଭ କରିଥିଲେ । ଓଡ଼ିଶାର ମମତା ଯୋଜନାର ସଫଳତା ଯୋଗୁଁ ଏହାକୁ ଜାତୀୟ ମଡେଲ ଭାବେ ଗ୍ରହଣ କରାଯାଇଛି । ୬ ମାସର ଗର୍ଭଧାରଣ ପରେ ପ୍ରଥମ କିସ୍ତି ୬୦୦୦ ଟଙ୍କା ଏବଂ ଶିଶୁକୁ ୧୦ ମାସ ପୂରିବା ପରେ ଦ୍ୱିତୀୟ କିସ୍ତି ୪୦୦୦ ଟଙ୍କା ପ୍ରଦାନ କରାଯିବ । ଏହା ଓଡ଼ିଶାର ମହିଳା ସଶକ୍ତିକରଣ ପ୍ରତି ବିଜେଡି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଆଜି ଓଡ଼ିଶା ମହିଳା ସଶକ୍ତି କରଣ କ୍ଷେତ୍ରରେ ଏକ ଜାତୀୟମାନଦଣ୍ଡ ଏବଂ ମାଇଲଖୁଣ୍ଟ ଭାବେ ସ୍ୱୀକୃତି ପାଇଛି ଏବଂ ମମତା ଯୋଜନା ସହାୟତାକୁ ଦ୍ୱିଗୁଣିତ କରିବା ଏହି ଯାତ୍ରାରେ ଆଉ ଏକ ସଫଳତା ବୋଲି ବିଜେଡ଼ିର ଦୁଇ ପ୍ରବକ୍ତା କହିଛନ୍ତି ।

**ମହିଳା ସଶକ୍ତିକରଣକୁ ନବୀନ ସରକାରଙ୍କ ପ୍ରାଥମିକତା**
**ମମତା ସହାୟତା ବାବଦରେ ଦିଆଗଲାଣି ୨୯୦୦ କୋଟି**
**ସହାୟତା ରାଶି ୧୦,୦୦୦ ଟଙ୍କାକୁ ବୃଦ୍ଧି**
**ମମତା ମଡେଲକୁ ଆପଣେଇଛନ୍ତି କେନ୍ଦ୍ର ସରକାର**

# ସ୍ୱର୍ଗଧାମ କାର୍ଯ୍ୟାଳୟ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ଶ୍ରୀପଞ୍ଚମୀ ଅବସରରେ ଖାନନଗର ସ୍ଥିତ ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ସ୍ୱର୍ଗଧାମର ଏକ ନିଜସ୍ୱ ୨୪ ଘଣ୍ଟିଆ କାର୍ଯ୍ୟାଳୟ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହିଉଦଘାଟନୀ ଉତ୍ସବରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଏଭଳି ନିଆରା କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ବିନା ମୂଲ୍ୟରେ ସୂର୍ଯ୍ୟୋଦୟରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ମଧ୍ୟରେ ଏଠାକୁ ଆସୁଥିବା ପ୍ରତ୍ୟେକ ଶବକୁ ଗୋବର ପାଣି, କ୍ଷୀର, ତୁଳସୀ, ଫୁଲ, କର୍ପୁର ଆଳତି ସହିତ ଶୁଦ୍ଧବସ୍ତ୍ର ଶବ



ଉପରେ ଅର୍ପଣ କରାଯାଇଥାଏ । ଏଥିସହିତ ଆର୍ଥିକ ଅନଗ୍ରସର ଅସ୍ଥି ବିସର୍ଜନ କରିବା ପାଇଁ ଅସମର୍ଥ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ (ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳ) ପ୍ରୟାଗ୍ରରାଜ ଠାରେ ଅସ୍ଥି ବିସର୍ଜନ କରାଯିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗଧାମ ସେବା ସମିତିର ଆଜୀବନ ସଭାପତି ଶରତ କୁମାର ସାହୁ, ଚାଉଳିଆଗଞ୍ଜ ପୂଜା କମିଟିର ସମ୍ପାଦକ ନିରଞ୍ଜନ ସାହୁ (ଶିବ), ଖାନନଗର ପୂଜା କମିଟିର ସମ୍ପାଦକ ପ୍ରଫୁଲ୍ଲ ସାହୁ, ସାମ୍ବାଦିକ ସଞ୍ଜିକାନ୍ତ ନାଥ, ରେଶମା ରାଣୀ ମହାରଣା, ପ୍ରିତିକାନ୍ତ ମହାରଣା, ଶବ ସେବାକାରୀ ପ୍ରଶାନ୍ତ ଆଚାର୍ଯ୍ୟ, ଶବ ରଥ ବାହାକ ମନୋଜ ସିଂହଙ୍କ ସମେତ ବୁଦ୍ଧୁ ମୂରବୀ ଓ ମହିଳାମାନେ ଉପସ୍ଥିତ ଥିଲେ ।

## ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ଜେଇଇ ମେନ୍ ପରୀକ୍ଷାରେ ସଫଳତା

ଭୁବନେଶ୍ୱର (ସବ୍ୟୁ): ପ୍ରକାଶିତ ଜାତୀୟ ପରୀକ୍ଷଣ ସଂସ୍ଥାନ (ଏନଟିଏ) ଦ୍ୱାରା ପରିଚାଳିତଜାତୀୟ ଯୁଗ୍ମ ପ୍ରବେଶିକା (ଜେଇଇ) ମୁଖ୍ୟସେସନ-୧ ପରୀକ୍ଷା ଫଳ ପ୍ରକାଶ ପାଇଛି । ସାଇ ଇଣ୍ଟରନ୍ୟାସନାଲ ସ୍କୁଲର କେଶବ ରଞ୍ଜନ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସ୍କୁଲର ୧୯ ଜଣ ଛାତ୍ରଛାତ୍ରୀ ୯୯ ପରସେଣ୍ଟାଇଲ ରଖିଛନ୍ତି, ୨୯ ଜଣ ଛାତ୍ରଛାତ୍ରୀ ୯୫ ପରସେଣ୍ଟାଇଲ ରଖିଛନ୍ତି । ଓ ୪୩ ଜଣ ଛାତ୍ରଛାତ୍ରୀ ୯୦ ପରସେଣ୍ଟାଇଲରୁ ଅଧିକ ରଖିଛନ୍ତି । କେଶବ ରଞ୍ଜନ ୯୯.୯୧ ପରସେଣ୍ଟାଇଲ ରଖିଥିବାବେଳେ ଅନୁଜସୁବୁଧି ୯୯.୮୬, ସ୍ରେୟାଂ ସବିକାଶ ମିଶ୍ର ୯୯.୮୨, ନିତିସ୍ ନମନ୍ ପରିଡା ୯୯.୭୯, ସତ୍ୟ ପ୍ରକାଶ କର ୯୯.୭୧, ସିବମ୍ ସୁନ୍ଦର ମହାକୁଡ ୯୯.୬୯, ଡିପ୍ତାଂସୁ ପ୍ରତେୟ ୯୯.୬୭, ବିଶ୍ୱଭୁଶଣ ସାମଲ ୯୯.୫୨, ଓମ୍ ଅମ୍ରିତ୍ ମହାନ୍ତି ୯୯.୪, ବିଷ୍ଣୁ ପ୍ରଶାଦ ମହାପାତ୍ର ୯୯.୩୭ ଓ ଅନ୍ୟମାନେ ଭଲ ପରସେଣ୍ଟାଇଲ ରଖି ସଫଳ ହୋଇଛନ୍ତି । ଛାତ୍ରଛାତ୍ରୀମାନଙ୍କର ଏହି ସଫଳତାରେ ସ୍କୁଲର ଚେୟାରପର୍ସନ ଡାଶିଳ୍ପୀ ସାହୁ ଅଭିନନ୍ଦନ ଜଣାଇବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ମଧ୍ୟପ୍ରଦେଶ ର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଙ୍କିଲେ ପଦ୍ମ ଫୁଲ

କଟକ, (ସବ୍ୟୁ): ଚୌଦ୍ୱାର କଟକ ବିଧାନସଭାର ଶିଖରପୁର ଠାରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତି ଙ୍କ ନେତୃତ୍ୱରେ ମଧ୍ୟପ୍ରଦେଶ ର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଦିଆଯାଇଥିଲାଛ ଏହି କାର୍ଯ୍ୟକ୍ରମରେ ଶିଖରପୁର ଠାରେ ଶିବରାଜ ଜି କାନ୍ଥରେ ପଦ୍ମଫୁଲ ଅଙ୍କନ କରିଥିଲେ । ଏଥିରେ ଭାଗୀରଥି ଦଳାଇ, ଚିରଞ୍ଜିବୀ ଖଣ୍ଡାୟତ ରାୟ, ବିଶ୍ୱରଥି ସ୍ୱାଇଁ, ମହିମାନନ୍ଦ ସ୍ୱାଇଁ , ସନ୍ତୋଷ ସାହୁ , ଅଜିତ ସୁବୁଦ୍ଧି ରାୟ, କର୍ପୋରେଟର ଦୀପକ ଦାସ, ପ୍ରଶାନ୍ତ ହୋତା, ଗଙ୍ଗାଧର ସାହୁ, ମୁନୀନ୍ଦ୍ର ଭୋଳ, ସୌମେନ୍ଦ୍ର ପଲାଇ, ସୁରଥ ରାଉତ, ଧୀର ପ୍ରସାଦ ମହାନ୍ତି ,



ଗଙ୍ଗାଧର ସାହୁ, ଧର୍ମେନ୍ ଗୁପ୍ତା, ସଞ୍ଜୟ ସ, ମନମୋହନ ଉପାଧ୍ୟାୟ, ପ୍ରସାର ଜ୍ୟୋତି କୁମାର, ଅନିଲ ଦଳାଇ, ମହେନ୍ଦ୍ର ଶୁକ୍ଳ, ମନୋଜ ଦଳାଇ, ଦୀପକ କାହାଳୀ, ଜଗନ୍ନାଥ ନାୟକ, ପ୍ରଦୀପ ଦାସ, ଗଣେଶ ଚନ୍ଦ୍ର ବେହେରା, ଶିବଦ୍ୟୁତି ବେହେରା, ପ୍ରଶାନ୍ତ ଦାସ, ବସନ୍ତ ପ୍ରଧାନ, ନିକୁଞ୍ଜ କିଶୋର କାନୁନଗୋ, ଶ୍ୟାମପ୍ରସାଦ ବେହେରା, ନରହରି ଦାସ, ବିଶ୍ୱରାଜ ବିଶ୍ୱାଳ, ବିଶ୍ୱଜିତ ଦାସ, ସରିତା ଶୁକ୍ଳ,ହରିପ୍ରିୟା ଧଳ, ସୀତା ରାଣୀ ସାହୁ, କବିତା ଦଳାଇ, ତନୁଶ୍ରି ମହାନ୍ତି, ସୁଚିତ୍ରା ରାୟ, ବିନୋଦିନୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

# ଶ୍ରୀପଞ୍ଚମୀ ତିଥିରେ ତିନି ରଥ କାଠ ଅନୁକୂଳ

ପୁରୀ (ସବ୍ୟୁ): ପବିତ୍ର ଶ୍ରୀପଞ୍ଚମୀ ତିଥିରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଜି ସନ୍ଧ୍ୟାରେ ଶୁଭ ମୁହୂର୍ତ୍ତରେ ତିନି ରଥ କାଠ ଅନୁକୂଳ ସମ୍ପନ୍ନ ହୋଇଛି ଛଶ୍ରୀମନ୍ଦିର ପୁରୋହିତ ଓ ଶୋତ୍ରୀୟ ବ୍ରାହ୍ମଣଙ୍କ ଦ୍ୱାରା ତିନି କଥା ମାର୍ଜନା ପରେ ନାରିକେଳ ଭାଙ୍ଗି ପୁଷ୍ପାଞ୍ଜଳି ଦିଆଯାଇ ରଥ କାଠ ଅନୁକୂଳ ହୋଇଥିଲାଛ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୩ ଟି ଧଉରା କାଠ ଅନୁକୂଳ ହୋଇଛିଛଏହି କାଠରେ ରଥର କୋଣଗୁଜ ତିଆରି ହେବ ଛ ଆସନ୍ତା ଶ୍ରୀରାମ ନବମୀରେ ହେବ ରଥ କାଠ ଚିରଟଛଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା,ଜିଲ୍ଲାପାଳ ବିଜୟ କୁମାର ଦାଶ, ଏସପି ପିନାକ ମିଶ୍ର ,ପୁରୀ ଓ ବ୍ରହ୍ମଗିରି ବିଧାୟକ ,ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ଅଧିକାରୀ ,ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ । ବିଶ୍ୱ ବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ପ୍ରସ୍ତୁତୀର ଆଜି ହେଉଛି ପ୍ରଥମ ପବ । ଏଥିଲାଗି ଗତକାଲି ରଥଖଳାକୁ ପରିଷ୍କାର କରାଯିବା ସହ ତିନିରଥର ତିନୋଟି ଧଉରା କାଠ ରଖାଯାଇଥିଲାଛ ଚଳିତବର୍ଷ ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳାର ସହିତ ସମାପନ ହେବ ସେନେଇ ଶ୍ରୀଜୀଉଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରିଛନ୍ତି ।

# ମର୍ମନ୍ତୁଦ ବସ ଦୁର୍ଘଟଣାର ଯାତ୍ରୀମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭେଟିଲେ ମେୟର

କଟକ( ସବ୍ୟୁ) : ବାଲେଶ୍ୱରରୁ ଭୁବନେଶ୍ୱର ଆସୁଥିବା ଚନ୍ଦନ ନାମକ ଘରୋଇ ବସ ଏକ ସାଇକେଲ ଆରୋହୀ କୁ ରକ୍ଷା କରିବାକୁ ଯାଇ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଆହତ ମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇବା ପାଇଁ ଏକ ଡ଼ାକ୍ତରୀ ଟିମ୍ ଗଠନ ହୋଇ ତତ୍କାଳୀନ ସେବା କାର୍ଯ୍ୟ ଚାଲୁଛି । ବହୁ ଯାତ୍ରୀ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ରେ ଭର୍ତ୍ତି ହୋଇଥିଲେ । ଏହି ଖବର ପାଇବା ସଂଗେ ସଂଗେ ମେୟର ଶ୍ରୀ ସିଂ , ବଡ଼ ଡାକ୍ତରଖାନାରେ ପହଂଚି ଚିକିତ୍ସାଧୀନ ୨୦ ଜଣ ରୋଗୀ ଙ୍କ ଅବସ୍ଥା ଦେଖିବା ସଂଗେ ସଂଗେ ଡାକ୍ତର ମାନଙ୍କୁ ତ୍ୱରିତ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ ।

# ବିଜେଡିର ନଗରସ୍ତରୀୟ ଯୁବ ଦଳିତ ସମାବେଶ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ବିଜେଡ଼ି ପକ୍ଷରୁ କଲେଜଛକ ସ୍ଥିତ କଲ୍ୟାଣ ମଣ୍ଡପରେ ନଗରସ୍ତରୀୟ ଯୁବ ଦଳିତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଯୁବ ଦଳିତ ସଂଗଠକ ଆକାଶ ସାଗରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ହାଉସିଂବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ ,କାଉନସିଲର ଶମ୍ଭୁ ନାଗ,କାଉନସିଲର କିଶୋର କୁମ୍ଭାର , ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା , ଜିଲ୍ଲା ଦଳିତ ସମାଜ ଆବାହକ ବିଜୟ ବାରିକ ଓ ପାଣ୍ଡବ କୁମ୍ଭାର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଶତାଧିକ ଦଳିତ ଯୁବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିଲେ । ନିକଟରେ ମୁଖ୍ୟମନ୍ତ୍ରୀ ଯୋଗାଇ ଦେଇଥିବା ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ଦଳିତ ସମାଜର ଏକ ଆମ୍ବେଦକର ଭବନ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି ।

## ସାନ୍ଧୁଲ୍ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

# ପାଇପ୍ ଯୋଗେ ଭୂତଳ ଜଳସେଚନର ଭିତ୍ତିପ୍ରସ୍ତର

ଭବାନୀପାଟଣା,(ସବ୍ୟୁ): କୃଷି କ୍ଷେତ୍ରରେ କଳାହାଣ୍ଡି ଜିଲ୍ଲାର ହୋଇଛି ବୈପ୍ଳବିକ ପରିବର୍ତ୍ତନ। ଚାଷ ଓ ଚାଷୀକୁ ନେଇ ପରିଚିତ କଳାହାଣ୍ଡି ଜିଲ୍ଲା । ଚାଷ ହିଁ ହେଉଛି ଲୋକଙ୍କ ମୁଖ୍ୟ ବେଉସା । ଏହାକୁ ଦୃଷ୍ଟିରେ ରଖି ବିଗତ ଦିନ ମାନଙ୍କରେ ସରକାର ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପ, ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପ, ରେତ ଜଳ ସେଚନ ପ୍ରକଳ୍ପ ଆଦି ନିର୍ମାଣ କରି ଚାଷୀଙ୍କ ପାଇଁ ଏକ ନୂତନ ଆଶା ଆଣିଦେଇଥିବା ବେଳେ ଏବେ କଳାହାଣ୍ଡି ଜିଲ୍ଲା ଧାନ ଉତ୍ପାଦନରେ ସମଗ୍ର ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସେହିଭଳି କପା ଉତ୍ପାଦନରେ କଳାହାଣ୍ଡି ପ୍ରଥମ୍ ହୋଇଥିବା ବେଳେ ଜିଲ୍ଲାର କେସିଙ୍ଗା, କର୍ଲାମୁଣ୍ଡା , ନର୍ଲା ଓ ମଦନପୁର ରାମପୁର କୁ ଜଳ ସେଚନ ର କୌଣସି ବ୍ୟବସ୍ଥା ନଥିବାରୁ ଅନେକ ସମୟରେ ମରୁଡିର ସାମ୍ନା କରି ଆସୁଥିଲେ ଚାଷୀ।ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଗସ୍ତରେ ଆସିଥିବା ସମୟରେ ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଡୁଟା ଠାରେ ସାନ୍ଧୂଲ ନଦୀରେ ଏକ ବ୍ୟରେଜ୍ ନିର୍ମାଣ କରି ଚାଷୀଙ୍କୁ ଜଳ ଯୋଗାଣ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ଯାହା ଆଜି ପୂରଣ ହୋଇଛି । ୧୨୬.୪୭ କୋଟି ଟଙ୍କାରେ ସାନ୍ଧୁଲ୍ ବ୍ୟାରେଜ୍ ନିର୍ମାଣ କରାଯାଇଛି ଯାହାକି ଜୁଲାଇ ମାସ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣର ଚୁକ୍ତିନାମା ହୋଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନ ଏବଂ ୫– ଟି ଅଧ୍ୟକ୍ଷଙ୍କ ପ୍ରଚେଷ୍ଟା ଯୋଗୁଁ ୫ ମାସ ଆଗରୁ ଏହା ଉଦ୍ଘଘାଟନ ହୋଇଛି । ଆଭାଷୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ୧୮୯.୭୭ କୋଟି ଟଙ୍କା ଅଟକଳରେ ଭୂତଳ ପାଇପ କେନାଲ ନିର୍ମାଣର ଭିତ୍ତି ପ୍ରସ୍ତର ସ୍ଥାପନ କଲେ । ଏହି ଅବସରରେ ଅନୁଷ୍ଠିତ ସଭାରେ କଳାହାଣ୍ଡି ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ନର୍ଲା ବିଧାୟକ ଭୂପିନ୍ଦର ସିଂ,ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ଏମ ରାମପୁର ବ୍ଲକ୍ ଅଧ୍ୟକ୍ଷା ମନ୍ଦାକିନୀ ସିଂଦେଓ ମଞ୍ଚାସୀନ ଥିଲେ । ସାନ୍ଧୁଲ୍ ଭୂତଳ ପାଇପ ଜଳସେଚନ ଯୋଗୁଁ କେସିଙ୍ଗା ବ୍ଲକର ୧୪ ଗ୍ରାମ,କର୍ଲାମୁଣ୍ଡା ବ୍ଲକ୍‌ର ୧୩ ଗ୍ରାମ ଓ ନର୍ଲା ବ୍ଲକ୍‌ର ୨ ଟି ଗ୍ରାମର ଏଭଳି ମୋଟ ୨୯ ଟି ଗ୍ରାମର ୫ହଜାର ହେକ୍ଟର ଜମିକୁ ଖରିଫ ଋତୁରେ ଜଳ ଯୋଗାଣ ହୋଇ ପାରିବ ।ପ୍ରାୟ ୧୫୦୦୦ ଚାଷୀ ପରିବାର ଏହାଦ୍ୱାରା ଲାଭବାନ ହୋଇପାରିବେ । ଏହି ସାନ୍ଧୁଲ ପ୍ରକଳ୍ପ ଯୋଗୁଁ ଜଳସେଚନ ସହ ଭୂତଳ ଜଳ ସଂରକ୍ଷଣ, ମତ୍ସ୍ୟ ଚାଷ, ଗୋପାଳନ, ବହୁମୁଖୀ ଚାଷ କାର୍ଯ୍ୟ ଯୋଗୁଁ ଚାଷୀ ଲାଭବାନ ହୋଇପାରିବେ । କାର୍ଯ୍ୟକ୍ରମରେ ନର୍ଲା ବିଧାୟକ ଭୂପିନ୍ଦର ସିଂ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀଙ୍କ ବନ୍ଧୁ କହିବା ସହ ସମୟ ପୂର୍ବରୁ ସାନ୍ଧୁଲ୍ ପ୍ରକଳ୍ପର ନିର୍ମାଣ ଶେଷ ହେବା ୫– ଟି ମନ୍ତ୍ରର ସମୟକୁ ଗୁରୁତ୍ୱ ଦିଆଗଲା ବୋଲି କହି ମୁଖ୍ୟମନ୍ତ୍ରୀ ଓ ୫–ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମରେ ମହିଳା ଏସଏଚଜି, ଚାଷୀ, ଅଞ୍ଚଳର ଜନସାଧାରଣ ଲୋକେ ସାମିଲ ହୋଇଥିବା ବେଳେ ଅଞ୍ଚଳର ଜନ ପ୍ରତିନିଧି,ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର, ଜଳ ସମ୍ପଦ ଚିଫ ଇଞ୍ଜିନିୟର ସୁଶିଲ ବେହେରା, ଅତିରିକ୍ତ ଚିଫ ଇଞ୍ଜିନିୟର ନିର୍ଭିଗ୍ନ ଭୋଇ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଅଶୋକ ମିଶ୍ର ମେମୋରିଆଲ ଫୁଟବଲ

# ବୀର ସିଂ କ୍ଲବ ବିଜୟୀ



ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା କ୍ରୀଡାସଂଘ ପଡିଆରେ ୨ୟ ବାର୍ଷିକୀ ଅଶୋକ ମିଶ୍ର ମେମୋରିଆଲ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ୪ର୍ଥ ଦିନର ମ୍ୟାଚ ବୀରସିଂ କ୍ଲବ ସାରଶମାଲ ଓ ଜୟ ତୁଳସୀ କ୍ଲବ ସରବେର୍ଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଆରମ୍ଭର ୧୩ ମିନିଟରେ ବୀରସିଂ କ୍ଲବ ଗୋଟିଏ ଗୋଲ ଦେଇ ଆଗୁଆ ରହିଥିଲା । ଶେଷରେ ବୀରସିଂ କ୍ଲବ ୧–୦ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବରେ ପୁରାତନ ଫୁଟବଲ ଖେଳାଳି ଭିକାରୀ ମୁଣ୍ଡା ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ। ଏହି ମ୍ୟାଚକୁ ମହେନ୍ଦ୍ର ବର୍ଗତି, ଅଗସ୍ତି ହାତୀପଦା,ଆର.ସାଏ ଓ ଜଗନ୍ନାଥ ରାଓ ପରିଚାଳନା କରିଥିଲେ।

# ରୋଗୀ ଓ ସମ୍ପର୍କୀୟଙ୍କୁ ସୁଷମ ରନ୍ଧା ଖାଦ୍ୟ ବଣ୍ଟନ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ୮୪ ଘର ଅଘରିଆ ସମାଜ ଟ୍ରଷ୍ଟ ପକ୍ଷରୁ ଭୀମଭୋଇ ଡାକ୍ତରଖାନାର ରକ୍ତଭଣ୍ଡାର ସମ୍ମୁଖରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ସରସ୍ୱତୀ ପୂଜା ଉପଲକ୍ଷେ ସୁଷମ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜର ଉପଦେଷ୍ଟା ମଣ୍ଡଳ,କେନ୍ଦ୍ର କାର୍ଯ୍ୟକର୍ତ୍ତା, ମଣ୍ଡଳ ସଭାପତି ଓ କର୍ମକର୍ତ୍ତା,ଗୁଡ଼ି ସଭାପତି ଓ କର୍ମକର୍ତ୍ତା ସମେତ ଯୁବାମଞ୍ଚ, କୃଷକ ମଞ୍ଚ, ନିର୍ମାଣ କମିଟି, ପୁସ୍ତକ କମିଟି, ଶିକ୍ଷା କମିଟି ସହ ଗ୍ରାମ୍ୟ କମିଟି ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ । ହଜାର ସଂଖ୍ୟାରେ ଆସି ରୋଗୀ ଓ ସମ୍ପର୍କୀୟ ସୁଷମ ଖାଦ୍ୟ ପାଇବାରେ ସୁଯୋଗ ପାଇଥିଲେ । ଏହା ପୂର୍ବରୁ ମଧ ସମାଜ ତରଫରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ୪୧୧ ୟୁନିଟ ରକ୍ତ ସଂଗ୍ରହ କରିଥିଲ। ଅଘରିଆ ସମାଜ । ଏବେ ଟ୍ରଷ୍ଟର ମଙ୍ଗ ଧରିଛନ୍ତି ସଭାପତି ଶୁଭ୍ରାଂଶୁ ଶେଖର ପଟେଲ । ଖାଦ୍ୟ ବଣ୍ଟନରେ ମଲମଣ୍ଡା ଯୁବବର୍ଗ ସମେତ ଅନେକ ଯୁବବନ୍ଧୁ ସହଯୋଗ କରିଥିଲେ ।




# ସରସ୍ୱତୀ ପୂଜାରେ ଶିଶୁଙ୍କ ଖଡ଼ି ଛୁଆଁ

ସମ୍ବଲପୁର,(ସବ୍ୟୁ): ପବିତ୍ର ବସନ୍ତ ପଞ୍ଚମୀ ତିଥିରେ ବୁଧବାର ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା କରାଯାଇଛି। ଏଥିପାଇଁ ସକାଳୁ ଶ୍ରୀ ପଞ୍ଚମୀ ଅବସରରେ ମନ୍ଦିରମାନଙ୍କରେ ଭକ୍ତମାନଙ୍କ ସମାଗମ ହୋଇଥିଲା। ସେହିଭଳି ବିଭିନ୍ନ ସ୍କୁଲ, କଲେଜ, ସଙ୍ଗୀତ ଅନୁଷ୍ଠାନ, କୋଚିଙ୍ଗ ସେଣ୍ଟର, ସଙ୍ଗୀତ ବିଦ୍ୟାଳୟ ପ୍ରଭୃତି ସ୍ଥାନରେ ସୁସଜ୍ଜିତ ମଣ୍ଡପମାନଙ୍କରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀ ପୂଜା ପାଉଛନ୍ତି। ପରମ୍ପରା ଅନୁଯାୟୀ ଆଜିର ପବିତ୍ର ତିଥିରେ ଶିଶୁମାନେ ବାକଦେବୀଙ୍କ ଆଗରେ ଖଡ଼ି ଛୁଇଁଛନ୍ତି । ବିଦ୍ୟାଳୟରେ ନାମ ଲେଖାଇବା ଆଗରୁ ବହୁ ଶିଶୁ ସରସ୍ୱତୀଙ୍କ ଆଗରେ ସିଲଟ ଓ ଚକ୍ ଧରି ଖଡ଼ି ଛୁଇଁଥିଲେ। ଏଥିପାଇଁ ନୂଆ ପୋଷାକ ପିନ୍ଧିଥିବା ଶିଶୁଙ୍କ ସହିତ ଅଭିଭାବକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବିଭିନ୍ନ କ୍ଲବ, କଲୋନୀ ଏବଂ ଗାଁମାନଙ୍କରେ ମଧ ସରସ୍ୱତୀ ପୂଜା ଓ ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଛାତ୍ରଛାତ୍ରୀମାନେ ଆଜି ହଳଦିଆ ରଙ୍ଗର ଶାଢ଼ୀ ଓ ବସ୍ତ୍ର ପରିଧାନ କରିଥିଲେ। ସରସ୍ୱତୀ ପୂଜା ପାଇଁ ଗତ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମୃଣ୍ମୟୀ ମୂର୍ତ୍ତିକୁ ଛାତ୍ରଛାତ୍ରୀମାନେ ନିଜ ନିଜ ଶିକ୍ଷାନୁଷ୍ଠାନକୁ ଆଣିଥିଲେ। ସେହିଭଳି ସିଲଟ, ଚକ୍‌ଖଡ଼ି, ଖାତା, ପେନସିଲ, ନୂଆ ବହି, ପୂଜା ସାମଗ୍ରୀ ଏବଂ ନୂଆବସ୍ତ୍ର କିଣାବିକା ହୋଇଥିଲା। କେତେକ ଜାଗାରେ ଏହି ଉପଲକ୍ଷେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା।

# ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ କରି ଦେଢ଼ ଲକ୍ଷ ଟଙ୍କା ଲୁଟ ଘଟଣା : ୩ ଗିରଫ



ମୁରିବାହାଲ,(ସବ୍ୟୁ): ରାୟପୁର–ଗୋପାଳପୁର ୫୯ନମ୍ବର ଜାତୀୟ ରାଜପଥ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁରୁଣ୍ଡା ଗ୍ରାମ ନିକଟରେ ୪ଜଣ ବାଇକ୍ ଆରୋହୀ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରି ଦେଢ଼ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟ କରିଥିଲେ । ଏହି ଘଟଣାରେ ଅଧିକ ତଦନ୍ତ କରି ପୋଲିସ ବ୍ୟବହୃତ ବାଇକ ସହ ୩ଦୁର୍ଦ୍ଦାନ୍ତ ଡକାୟତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଗିରଫ ଡକାୟତମାନେ ହେଲେ କଣ୍ଟାବାଞ୍ଜି ସହର ନୂଆପଡ଼ାର ରୋହିତ ପାଣ୍ଡେ(୨୧),କଣ୍ଟାବାଞ୍ଜି ଧୋବାପଡ଼ାର ଅର୍ଜୁନ ମଛଖଣ୍ଡ ଓରଫ ଚିନୁ(୨୬) ଓ ବେଳପଡ଼ା ଥାନା ମଧୁପୁର ଗ୍ରାମର ଶ୍ରୀତମ ପାଢ଼ୀ ଓରଫ ଲାଲା(୨୦) । ଏମାନେ ବ୍ୟବହାର କରିଥିବା ଏକ ଏକ୍ସଟ୍ରିମ ୨୦୦ ବାଇକ ଏକ ଛୁରୀ ଓ ଲୁଟ ମୋବାଇଲ ସିମ ଜବତ କରାଯାଇଛି । ଗିରଫ ଡକାୟତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ସଙ୍ଗୀନ ମାମଲା ରହିଛି। ପୁଲିସର ସୁଚନାମତେ ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ରାଜଆଗଲପୁର ଗ୍ରାମର ଟ୍ରକ ଡ୍ରାଇଭର ତଥା ଟ୍ରକ ମାଲିକ ଭରତ ମେହେର(୩୦) କନ୍ଧମାଳ ଜିଲ୍ଲା ଗଣ୍ଡାପିପିଲିରୁ ନିଜର ଟ୍ରକ୍‌ରେ କପା ବୋଝେଇ କରି ଟିଟିଲାଗଡ ରାସ୍ତାରେ ପାଟଣାଗଡ ପର୍ଯ୍ୟନ୍ତ ଆସୁଥିଲେ । ବଡି ଭୋର ସାଢେ ୪ଟା ସମୟରେ ସେ ମୁରିବାହାଲ ଥାନା ଗୁରୁଣ୍ଡା ଗ୍ରାମ ରାସ୍ତା ପାର୍ଶ୍ୱରେ ନିଜ ଟ୍ରକ୍ ଭିତରେ ବିଶ୍ରାମ ନେଇଥିଲେ। ଏହି ସମୟରେ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ୨ଟି ବାଇକରେ ଟ୍ରକ୍ ନିକଟକୁ ଆସି ନିଜକୁ ପୁଲିସ ପରିଚୟ ଦେଇ ଭରତଙ୍କୁ ଡାକିଥିଲେ। ଭରତ ଟ୍ରକ୍ ଗେଟ ଖୋଲିବା ସହ ଦୁର୍ବୃତ୍ତମାନେ ତାଙ୍କ ମୁହଁରେ ଲଙ୍କା ଗୁଣ୍ଡ ପକାଇ ଦେଇଥିଲେ। ଭରତ ଟ୍ରକର ଆରପଟକୁ ଚାଲିଯିବାକୁ ବସିଥିବା ବେଳେ ସେମାନେ ଧରିଥିବା ଭୁଜାଲି ଓ ଅନ୍ୟ ଧାରୁଆ ଅସ୍ତ୍ରରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଆକ୍ରମଣ କରି ଭରତ ଧରିଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ଓ ମୋବାଇଲ ଲୁଟି ନେଇ ଫେରାର ହୋଇଯାଇଥିଲେ। ଗୁରୁତର ଭରତ ଏହା ପରେ ସେମାନଙ୍କ ପିଛା କରି ନିକଟସ୍ଥ ବଙ୍ଗୋମୁଣ୍ଡା ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ ଘଟଣାସ୍ଥଳଟି ମୁରିବାହାଲ ଥାନା ଅନ୍ତର୍ଗତ ହୋଇଥିବାରୁ ତାଙ୍କୁ ମୁରିବାହାଲ ଥାନାରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେ ମୁରିବାହାଲ ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଏତଲା ଦେଇଥିଲେ। ଭରତଙ୍କ ଏତଲା ଆଧାରରେ ପୁଲିସ ଥାନା କେଶ ନ ୫୫/୨୦୨୪ରେ ଡକାୟତି ସହ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ଦିଗକୁ ନେଇ ତନାଘନା ତଦନ୍ତ ଜାରି ରଖିଥିଲା । ଏହି ମାମଲାରେ ସଂପୃକ୍ତ ୪ଜଣଙ୍କ ମଧ୍ୟରୁ ୩ଜଣଙ୍କୁ ପୁଲିସ ଦଫା ୩୯୪ ଆଇପିସିରେ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

## ଖପ୍ରାଖୋଲରେ ଆରମ୍ଭ ହେଲା ଲକ୍ଷ୍ମୀ ବସ୍‌ସେବା

ଖପ୍ରାଖୋଲ,୯ସବ୍ୟୁ): ଖପ୍ରାଖୋଲ ବ୍ଲକ୍ କାର୍ଯ୍ୟାଳୟ ରୁ ଆରମ୍ଭ ହୋଇଛି ଲକ୍ଷ୍ମୀ ବସ ସେବା। ମୁଖ୍ୟମନ୍ତ୍ରୀ ସୋମବାର ଆଭାଷୀ ମାଧ୍ୟମରେ ଲକ୍ଷ୍ମୀ ବସ ସେବା ର ଶୁଭାରମ୍ଭ କରିଥିଲେ। ସେହିପରି ଖପ୍ରାଖୋଲ ବ୍ଲକ୍‌ରେ ତିନୋଟି ଲକ୍ଷ୍ମୀ ବସ ଗ୍ରାମାଞ୍ଚଳ ରୁ ବ୍ଲକ୍ ସଦର ମହକୁମାକୁ ସଂଯୋଗ କରିବାକୁ କହିଥିଲେ। ଉଦଘାଟନର ଦିନକ ପରେ ଖପ୍ରାଖୋଲ ରେ ଆରମ୍ଭ ହୋଇଛି ଲକ୍ଷ୍ମୀ ବସ ସେବା। ଏହି ଅବସରରେ ବ୍ଲକ୍ କାର୍ଯ୍ୟାଳୟ ରେ ପୂଜା ଓ ନଡ଼ିଆ ଭାଙ୍ଗି ବ୍ଲକ୍ ଅଧ୍ୟକ୍ଷା ନିରୁପମା ପଟେଲ ବସ କୁ ସ୍ୱାଗତ କରିବା ସହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପାଧ୍ୟକ୍ଷ ଶୁଖିରାମ ସାଣ୍ଡ, ସେକ୍ସନ ଅଧିକାରୀ ବ୍ରଜ ବନ୍ଧୁ ଠାକୁର , ଅମ୍ରି ତାଣ୍ଡି, ନାରାୟଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଅଲ ଇଣ୍ଡିଆ ରାମଧୂନ୍ କପ୍ ଫୁଟବଲ

# ଫାଇନାଲରେ ଜଗା ୟୁନାଇଟେଡ଼ କ୍ଲବ




ସୋନପୁର,(ସବ୍ୟୁ) : ୧୫ ତମ ଅଲ୍ ଇଣ୍ଡିଆ ରାମଧୁନ୍ କପ୍ ଫୁଟବଲ ଟୁର୍ଣାମେଣ୍ଟରେ ଭୁବନେଶ୍ୱର ଜଗା ୟୁନାଇଟେଡ଼ କ୍ଲବ୍ ଓ ବରଗଡ ୟୁନାଇଟେଡ କ୍ଲବ୍ ମଧ୍ୟରେ ସଂଘର୍ଷ ପୁର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁର ଏ ଡି ଏମ ଅଞ୍ଜଳୀନା ପଧାନ ମୁଖ୍ୟ ଅତିଥି ଓ ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତୀ ତ୍ରିପାଠୀ ,ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ କଇଁରୁ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରଗଡ଼ ଦଳକୁ ୧–୦ ରେ ପରାସ୍ତ କରି ଭୁବନେଶ୍ୱର ଜଗା ୟୁନାଇଟେଡ଼ କ୍ଲବ ବିଜୟୀ ହୋଇଛି । ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଭୁବନେଶ୍ୱର ଦଳର ଖେଳାଳି ସ୍କୋରର ପାୟୋଜନ ମାରାଣ୍ଡିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମୁଖ୍ୟ ରେଫରି ଭାବେ ପ୍ରଶାନ୍ତ ବେହେରା , ଖେଳ ପରିଚାଳନା ଓ ପି ଇ ଟି ସଲିଳ ବେହେରା, ଜିତେନ୍ଦ୍ର ଥନାପତି ଓ ଫୋର୍ଥ ଅଫିସିଆଲ୍ ସଞ୍ଜୀବ ସାହୁ ସହଯୋଗ କରିଥିଲେ । ପ୍ରଭୁ ଦାଶ ଖେଳର ଧାରା ବିବରଣୀ ପ୍ରଦାନ୍ କରିଥିବା ବେଳେ ଚିତ୍ତ ରଞ୍ଜନ ତରାସିଆ ଓ ମିଡ଼ିଆ ସଂଯୋଜକ ମନୋରଂଜନ ତ୍ରୀପାଠୀ ଅତିଥି ସ୍ୱାଗତ ଓ ସଭା ସଂଯୋଜନା କରିଥିଲେ ।

# ୟୁବୋଦୟ ସ୍କୁଲରୁ ଚୋରି

ବଲାଙ୍ଗିର,(ସବ୍ୟୁ): ୟୁବୋଦୟ ଲିଡ୍ ସ୍କୁଲରୁ ଚୋରି ହୋଇଥିବା ନେଇ ବଲାଙ୍ଗିର ଟାଉନ ଥାନାରେ ଅଭିଯୋଗ ହୋଇଛି। ସ୍କୁଲର ଆଡମିଶନ୍ ଇନଚାର୍ଜ ସୁଭାଶିଷ ଖମାରୀଙ୍କ ଅଭିଯୋଗ ଅନୁସାରେ ମଙ୍ଗଳବାର ସ୍କୁଲ ଛୁଟି ପରେ ଅପରାହ୍ନ ୫ଟା ସମୟରେ ସ୍କୁଲ ଗେଟରେ ତାଲା ପକାଇ ସମସ୍ତ କର୍ମଚାରୀ ଯାଇଥିଲେ। ବୁଧବାର ସକାଳ ୮ଟା ସମୟରେ ଦେଖିବା ବେଳକୁ ସ୍କୁଲ ଗେଟରେ ୬ଟି ତାଲା କଟା ଯାଇଥିବା ବେଳେ ୪ଟି କୋଠରୀ ଓ ଡ୍ରଇଂରୁମରୁ ୫ଟି ୱାଲ୍ ଫେନ୍ ଗୋଟିଏ ଇଣ୍ଡକ୍ସନ୍ କୁକର୍, ଗୋଟିଏ ମୋବାଇଲ ଫୋନ, ସିସିଟିଭିର ଡିଏସ୍‌ଆର୍ ମେସିନ୍ ଚୋରି ହୋଇଯାଇଛି। କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଖମାରୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତ।

# ନାଗାବଳୀ ନଦୀ ପଠାରୁ ବେଆଇନ ବାଲି ଚାଲାଣ

ରାୟଗଡା(ସବ୍ୟୁ): ଚିରସ୍ରୋତା ନାଗାବଳୀ ପଠାରୁ ବେଆଇନ ବାଲି ଉଠାଣ ହେଉଛି । ବିନା ଚାଲାଣ ଫର୍ମରେ ଆନ୍ଧ୍ରପ୍ରଦେଶକୁ ହେଉଛି ବାଲିର ଚୋରାଚାଲାଣ। ରାଜନୈତିକ ଦଳର ନେତା ସାଜିଛନ୍ତି ବାଲି ଚଲାଣର ସୂତ୍ରଧର। ଦୈନିକ ନଦୀ ମଧ୍ୟରୁ ଜେସିବି ଦ୍ୱାରା ଶତାଧିକ ଟ୍ରାକ୍ଟର ଓ ଟ୍ରିପରରେ ବାଲି ଉଠାଣ କରି ଚାଲାଣ କରାଯାଉଛି। ଅନେକ ବାଲିଘାଟ ଜିଲ୍ଲା ସଦର ମହକୁମାରେ ଥିଲେ ମଧ ହାତ ଗୁଣ୍ଡାନେଇ କେବଳ ଦୁଇଟି ଘାଟକୁ କେଫର୍ମ ଯୋଗାଇଛି ପ୍ରସାସନ। ବାଲି ଘାଟରେ କେ ଫର୍ମ ନଥିବା କାରଣରୁ ବାଲି ଟ୍ରାକ୍ଟର ଗୁଡିକ ଜବଦ କରି ମୋଟା ଆକାରରେ ଜୋରିମାନା ଆଦାୟ କରିବା ଫଳରେ ଜିଲ୍ଲାର ଟ୍ରାକ୍ଟର ସଂଘ ଏବେ ଧର୍ମଘଟରେ ବସିଛି। ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ନିର୍ମାଣଧୀନ କାର୍ଯ୍ୟ ବନ୍ଦ ପଡିଛି। ଫଳରେ ଅନେକ ଖଟିଖିଆଙ୍କ ଦାନା ପାଣି ମଧ ବନ୍ଦ ହୋଇଛି। ଯାହାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି ଟ୍ରାକ୍ଟର ୟୁନିୟନ ଓ ନିର୍ମାଣ ଶ୍ରମିକ ସଭାପତି। କିଛି ଦିନ ପୂର୍ବେ ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କ ନେତୃତ୍ୱରେ ଚଡାଉ କରାଯାଇ ମାତ୍ର ହାତଗଣତି ଟ୍ରାକ୍ଟରଏବଂ ଗୋଟିଏ ଟ୍ରକକୁ ଜବଦ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ ହେଁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବନ୍ଦ ହେବାର ନାଁ ନେଉନାହିଁ।

ଅନେକ ବାଲିଘାଟର ନିଲାମ ଅବଧି ସରିଥିବା ପରେ ଏବଂ ଅନେକ ବାଲି ଘାଟରେ ନିଲାମ ନଥାଇ ବେଧଡ଼କ ଭାବେ ବାଲି ମାଫିଆମାନେ ବାଲିର ହରିଲୁଟ କରୁଛନ୍ତି। କିନ୍ତୁ ଜଣେ ଗରିବ ଲୋକ ଆବାସ ଗୃହ ନିର୍ମାଣ କରିବା ନିମନ୍ତେ ଚା ଦରରେ ବାଲି କ୍ରୟ କରିବାକୁ ପଡୁଛି। ଅନ୍ୟଦିଗରେ ଟ୍ରକ ଟ୍ରକ ବାଲି ବିନା ଚାଲାଣ ଫର୍ମରେ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଚୋରା ଚାଲାଣ କରୁଛନ୍ତି ବାଲି ମାଫିଆ ବୋଲି ଅଭିଯୋଗ ହେଉଛି । ରାୟଗଡା ବ୍ଲକରେ ୫ଟି ବାଲି ଘାଟ ଅଛି । କିନ୍ତୁ କୌଣସି ବି ଘାଟରେ ଲାଗିନି ଫଳକ । ବିଶେଷ ଭାବେ ହଂସା ବାଲି ଘାଟରେ ବେନିୟମ ଭାବେ ନଦୀ ଗର୍ଭରୁ ଜେସିବି ଦ୍ୱରା ବାଲି ଉଠାଣ ଦ୍ୱରା ନଦୀ ଗର୍ଭ ଏବଂ ପଠା ମାନଙ୍କରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି କରୁଛି । ଫଳରେ ପର୍ଯ୍ୟାୟକ୍ରମେ ନଦୀ ଏହାର ଦିଗ ପରିବର୍ତ୍ତନ କରୁଥିବା ବେଳେ କୂଳଲଘି ଜନବସତି ଆଡକୁ ମୁହାଉଛି ଏବଂ ଅନେକ ଲୋକଙ୍କ ଚାଷ ଜମି ନଷ୍ଟ ହେଉଛି । ନଦୀ ପଠାରୁ ଦୈନିକ ଶତାଧିକ ଟ୍ରିପ ବାଲି ମେଶିନ ଜରିଆରେ ଉତ୍ତୋଳନ କରାଯାଇ ଭାରି ଯାନ ଦ୍ୱାରା ବାହାର ରାଜ୍ୟକୁ ଚାଲାଣ ହେଉଛି । ପଡୋଶୀ ଆନ୍ଧ୍ର ବ୍ୟବସାୟୀ ରାୟଗଡାରେ ଡେରା ପକାଇ ବେଆଇନ ବାଲି ଉତ୍ତୋଳନ କରି ପଡୋଶୀ ଆନ୍ଧ୍ରକୁ ଚୋରା ଚାଲାଣ କରୁଛନ୍ତି। ଫଳରେ ଓଡିଶା ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଥିବାବେଳେ ଆନ୍ଧ୍ର ବାଲି ମାଫିଆ ମାଲାମାଲ ହେଉଛନ୍ତି । ବାହାର ରାଜ୍ୟକୁ ବାଲି ଚାଲାଣ ହେବା ନିୟମ ନଥିଲେ ମଧ୍ୟ ଆନ୍ଧ୍ର ପ୍ରଦେଶର କିଛି ବାଲି ମାଫିଆ ସ୍ଥାନୀୟ ଆଦିବାସୀଙ୍କ ନାଁ ରେ ବାଲିଘାଟ ନିଲାମ ନେଇ ଲୋକଙ୍କୁ ହାତକରି ଓଡିଶାରୁ ବାଲି ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି।

## ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି

# ବଡ଼ ଭାଲୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଏସ୍ –ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଲିଙ୍ଗମାର୍ଣ୍ଣ ପଂଚାୟତର ବଡ଼ ଭାଲୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁନୀଲ ସେଟ ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ । ଉତ୍ସବରେ ଲଳିତ ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ସାମୁହିକ ଉନ୍ନତି ପାଇଁ ସମସ୍ତେ ଏକତାର ସହ ଆଗେଇ ଆସିବାରେ ବଡ଼ ଭାଲୁପାଲି ବିଦ୍ୟାଳୟ ଏକ ଆଦର୍ଶ ସୃଷ୍ଟି କରିଛି ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟା ବିରୂପା ପଧାନ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ନଳିନୀ ବେହେରା , ମୋ ସ୍କୁଲ ଅଭିଯାନ ସଭାପତି ଅରବିନ୍ଦ ମଲ୍ଲିକ ସମ୍ମାନିତ ଅତିଥିଭାବେ ମଂଚାସୀନ ଥିଲେ । ମୁଖ୍ୟବକ୍ତା ଭାବେ ଗଜବନ୍ଧ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ସାମୁହିକ ଉନ୍ନତିରେ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋଚନା କରିବା ସହ ସୃଜନଶୀଳତାର ବୃଦ୍ଧି ପାଇଁ ସମସ୍ତେ କର୍ତବ୍ୟନିଷ୍ଠ ହେବାକୁ ପରାମର୍ଶ ଦେଇଥିଲେ । ବରିଷ୍ଠ ଶିକ୍ଷକ ଚଉବର୍ଗ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ମଧୁମିତା ପଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଚଉବର୍ଗ ନାଏକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷକ ପ୍ରକାଶ ସାହୁବଡ଼ ଭାଲୁପାଲିଗ୍ରାମବାସୀ, ଛାତ୍ରଛାତ୍ରୀ ଓ ପାଚକ ପାଚିକା ସହଯୋଗ କରିଥିଲେ ।



(ଶ୍ରୀମଦ୍‌ଭଗବଦ୍ ଗୀତା ୪/୧)
–କର୍ମ୍ମଯୋଗଃ–
(ଶ୍ରୀଭଗବାନୁବାଚ )
ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍
ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେବ୍ରବୀତ୍ ॥୧ ॥
ଶ୍ରୀ ଭଗବାନ କହିଲେ–ମୁଁ ଅତି ପ୍ରାଚୀନ କାଳରେ ଏହି
ଅକ୍ଷୟ ଯୋଗ ସୂର୍ଯ୍ୟଙ୍କୁ କହିଥିଲି,
ସୂର୍ଯ୍ୟ ନିଜ ପୁତ୍ର ମନୁଙ୍କୁ କହିଥିଲେ, ମନୁ ନିଜ
ପୁତ୍ର ଇକ୍ଷ୍ୱାକଙ୍କୁ କହିଥିଲେ ॥୧॥

## ସମ୍ପାଦକୀୟ

# ବଦଳୁଛି ରାଜନୀତି

ଭାରତର ନିର୍ବାଚନ ରେ ଜାତି ଓ ଧର୍ମର ଗୁରୁତ୍ୱ ଖୁବ୍ ବେଶୀ ବୋଲି କୁହାଯାଏ ...ଆଲୋଚନା କରାଯାଏ ଏବଂ ସମାଲୋଚନା ମଧ୍ୟ ହୁଏ । ବିଶେଷ ଭାବରେ ନିର୍ବାଚନରେ ଜାତିର ପ୍ରାଧାନ୍ୟ ରହିଆସିଛି । କେତେକ ରାଜନୈତିକ ଦଳ ଜାତିକୁ ନେଇ ଆଜିବି ରାଜନୀତି କରୁଛନ୍ତି । କଂଗ୍ରେସର ବରିଷ୍ଠ ନେତା ରାହୁଲ ନିଜ ଭାଷଣରେ ବାରମ୍ବାର ଜାତି କଥା ଉଠାଉଛନ୍ତି ଏବଂ ଜାତି ଗଣନା ପାଇଁ ଯୁକ୍ତି ବାଢୁଛନ୍ତି । ଦେଶରେ ସାମାଜିକ ନ୍ୟାୟ ଏବଂ ବିକାଶ ହାସଲ ପାଇଁ ଜାତି ଗଣନାର ଆବଶ୍ୟକତା ଉପରେ ରାହୁଲ ଗାନ୍ଧି ଗୁରୁତ୍ୱାରୋପ କରି ଆସୁଛନ୍ତି । ଖାଲି ରାହୁଲ କାହିଁକି ଅନ୍ୟ କେତେକ ନେତା, ବ୍ୟକ୍ତି ଓ ଦଳ ମଧ୍ୟ ଦେଶର ସାମୂହିକ ବିକାଶ ପାଇଁ ଜାତି ଜନଗଣନା ଜରୁରୀ ବୋଲି ବିଶ୍ୱାସ କରନ୍ତି । ନିକଟରେ ବିହାର ସରକାର ଜାତି ସର୍ବେକ୍ଷଣ ତଥା ଜାତି ଜନଗଣନା ପ୍ରସଙ୍ଗକୁ ଉଜ୍ଜୀବୀତ କରିଛନ୍ତି ଏବଂ ରାଜ୍ୟର ଜନଗଣନା ତଥ୍ୟ ପ୍ରକାଶ କରିଛନ୍ତି । ଜାତି ଜନଗଣନା ପାଇଁ ଯୁକ୍ତି କରୁଥିବା ନେତା ବା ବ୍ୟକ୍ତିବିଶେଷଙ୍କ ଯୁକ୍ତି ହେଲା, ଏହାଦ୍ୱାରା ସମାଜରେ ଅସମାନତା ଦୂର ହେବ । ତେବେ ପ୍ରଶ୍ନ ଉଠୁଛି ଏହା କଣ ନିହାତି ଦରକାର ? କିନ୍ତୁ ସମୟ ବଦଳି ଚାଲିଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଏହି ଚିନ୍ତାଧାରା ଭୋଟରଙ୍କୁ ଆକର୍ଷିତ କରିବ କି ନାହିଁ ସେଥିନେଇ ବିତର୍କ ଆବଶ୍ୟକ । କଥା ହେଉଛି, ଜାତି ରାଜନୀତି ଦ୍ୱାରା ନେତା ଭୋଟରଙ୍କ ନିକଟତର ହେଉଛନ୍ତି ନା ଦୂରେଇ ଯାଉଛନ୍ତି ? କେତେକ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ' ଏହାଦ୍ୱାରା ହିନ୍ଦୁ ଭୋଟ ବିଭାଜନ ସମ୍ଭବ ହେବ ଏବଂ ଜାତିକୁ ନେଇ ରାଜନୀତି କରୁଥିବା ଦଳ ଓ ନେତା ଭୋଟରଙ୍କୁ ଆକର୍ଷିତ କରିପାରିବେ । ଏହା ହେଇପାରେ । କିନ୍ତୁ ବର୍ତ୍ତମାନ ସମୟର ଯୁବକମାନେ ଏହି ଚିନ୍ତାଧାରାକୁ ଗ୍ରହଣ କରିବେ କି ? ବର୍ତ୍ତମାନ ସମୟରେ ଭାରତର ଅଧିକାଂଶ ଯୁବ ଜନସଂଖ୍ୟା ପାଇଁ ପ୍ରାଥମିକତା ହେଉଛି ଉତ୍ତମ ଶିକ୍ଷା, ବେତନ ପ୍ରାପ୍ତ ଚାକିରି ଓ ଭଲ ସାମାଜିକ ପରିବେଶ । ସେମାନଙ୍କ ପାଇଁ, ସର୍କଲରେ ସେହିମାନେ ଅନ୍ତର୍ଭୁକ୍ତ, ଯେଉଁମାନଙ୍କ ସହିତ ସେମାନଙ୍କର ମାନସିକ ସ୍ତରରେ ମେଳ ହେଇପାରିବ ଯାହା ପ୍ରାୟତଃ ଜାତି ଏବଂ ଧର୍ମ ଠାରୁ ଉର୍ଦ୍ଧ୍ୱରେ । ଏ ସବୁ ଦେଖିଲେ, ମନେହୁଏ ଅନେକଙ୍କ ପାଇଁ ଜାତିର ଗୁରୁତ୍ୱ ଆଗପରି ଆଉ ନାହିଁ । ଏଠାରେ ଯୁକ୍ତି କରାଯାଇ ପାରେ ଯେ' ଏଭଳି ଯୁବକଙ୍କ ଜନସଂଖ୍ୟା ସେତେ ବଡ ନୁହେଁ ଏବଂ ଜାତି ଏକ ପ୍ରମୁଖ ସାମାଜିକ ଚିନ୍ତାଧାରା ଭାବରେ ରହିଆସିଛି । ନିର୍ଦ୍ଦିଷ୍ଟ ପକେଟ ଏବଂ ଅଞ୍ଚଳରେ ଏହା ସତ ହୋଇପାରେ, କିନ୍ତୁ ନିକଟରେ ହୋଇଥିବା ରାଜ୍ୟ ନିର୍ବାଚନ ପ୍ରମାଣିତ କରିଛି ଯେ ପ୍ରାର୍ଥୀ ଭୋଟ୍ ଦେବା ପାଇଁ ଜାତି ଆଉ ଆଧାର ନୁହେଁ । ଯଦି ଏହା ହୋଇଥାନ୍ତା ତେବେ ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନରେ ନିର୍ବାଚନ ଫଳାଫଳ ଭିନ୍ନ ହୋଇଥାନ୍ତା । ଏହି ତିନୋଟି ନିର୍ବାଚନ ପୂର୍ବରୁ ମଧ୍ୟ ୨୦୧୪ରେ ନିର୍ବାଚନ ଫଳାଫଳ ଅଲଗା ହେଇଥାନ୍ତା ଏବଂ ଏହା ପରେ ପ୍ରାୟ ପ୍ରତ୍ୟେକ ନିର୍ବାଚନରେ ଜାତି ଭୋଟକୁ ପ୍ରଭାବିତ କରିଥାଆନ୍ତା । ଯଦି ଭାରତରେ ନିର୍ବାଚନ କେବଳ ଜାତି–ପ୍ରଭାବିତ ହୋଇଥାନ୍ତା, ତେବେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସପି) ଉତ୍ତରପ୍ରଦେଶରେ ଏତେ ଖରାପ ସ୍ଥିତିରେ ନଥାନ୍ତା ବା ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ନିର୍ବାଚନରେ ହାରି ନ ଥାନ୍ତା । ଯଦି ବିଗତ ଦୁଇଟି ଲୋକସଭା ନିର୍ବାଚନ କଥା ଦେଖାଯିବ, ପ୍ରକୃତ କଥା ହେଉଛି କଂଗ୍ରେସର ଭୋଟହାର କ୍ରମାଗତ ଭାବେ ହ୍ରାସ ପାଉଛି ଏବଂ ବିଜେପିର ଭୋଟ୍ ଅଂଶ ସବୁବେଳେ ବୃଦ୍ଧି ପାଉଛି । ୨୦୧୯ ଲୋକସଭା ନିର୍ବାଚନରେ କଂଗ୍ରେସ ଦଳ ୫୨ ଟି ଆସନ ଜିତିଛି, ଯାହା ୨୦୧୪ର ତୁଳନାରେ ଆଠଟି ଅଧିକ । ଏହାର ଭୋଟ୍ ଅଂଶ – ୧୯.୫ ପ୍ରତିଶତ – ୨୦୧୪ ସହିତ ପ୍ରାୟ ସମାନ ଥିଲା । ଅନ୍ୟପକ୍ଷରେ, ୨୦୦୯ରେ ପରାଜୟ ପରଠାରୁ ବିଜେପି କ୍ରମାଗତ ନିର୍ବାଚନରେ ନିଜର ଆସନ ବୃଦ୍ଧି ଏବଂ ଭୋଟ୍ ଅଂଶ ବଢ଼ାଇ ଚାଲିଛି । ୨୦୧୪ ଲୋକସଭା ନିର୍ବାଚନରେ ୨୮୨ଟି ଆସନ ସହ ବହୁମତ ହାସଲ କରିବା ପରେ ବିଜେପି ୨୦୧୯ ନିର୍ବାଚନରେ ୨୧ ଟି ସିଟ୍ ବୃଦ୍ଧି କରି ୩୦୩କୁ ବୃଦ୍ଧି କରିଛି । ବିଧାନସଭା ନିର୍ବାଚନରେ ମଧ୍ୟ କଂଗ୍ରେସର ପ୍ରଦର୍ଶନ ଖରାପ ହେଇଛି । ତେଲେଙ୍ଗାନା ଏବଂ କର୍ଣ୍ଣାଟକ ବ୍ୟତୀତ ଦଳ ଆଉ କେଉଁଠାରେ ସଫଳ ହେଇନାହିଁ । ଅନ୍ୟପକ୍ଷରେ ବିଜେପି ଓ ସହଯୋଗୀ ଦଳଗୁଡିକ ସଫଳ ହେବାରେ ଲାଗିଛନ୍ତି ଯଦିଓ ଜାତିକୁ ନେଇ ସେମାନେ ରାଜନୀତି କରୁନାହାନ୍ତି । ବିଜେପିର ଭୋଟ ଅଂଶ ବଢିବା ପ୍ରମାଣ କରୁଛି ଯେ' ସବୁ ଜାତି ବିଜେପିକୁ ଭୋଟ ଦେଉଛନ୍ତି । ୨୦୧୯ ଲୋକସଭା ନିର୍ବାଚନରେ ବିଜେପିର ସର୍ବ–ଭାରତର ଭୋଟ୍ ଅଂଶ – ୩୭.୬ ପ୍ରତିଶତ – ୨୦୦୯ – ୧୮.୬ ପ୍ରତିଶତ ତୁଳନାରେ ପ୍ରାୟ ଦୁଇ ଗୁଣ ଥିଲାଛ ଅର୍ଥାତ ଜାତି କୁ ନେଇ ଅତୀତରେ ହେଇଥିବା ରାଜନୀତିର ଗୁରୁତ୍ୱ କମିବାରେ ଲାଗିଛି । ତେଣୁ ବର୍ତ୍ତମାନ ସମୟରେ ଏହି ଚିନ୍ତାଧାରାର କାର୍ଯ୍ୟକାରିତା କେତେ, ତାହା ଅନୁସନ୍ଧାନ ଯୋଗ୍ୟ । ଦେଶର ବିକାଶ ସହ ଶିକ୍ଷା ଅନେକଙ୍କ ପାଖରେ ପହଞ୍ଚି ପାରିଛି । ସ୍କୁଲ–କଲେଜର ପରିବେଶ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ କ୍ୟାରିଅରକୁ ନେଇ ଅନେକ ଆଶା ସଂଚାର କରାଇବାରେ ସକ୍ଷମ ହେଉଛି । ତେଣୁ ସମସ୍ତେ ନ ହେଲେ ମଧ୍ୟ, ଯୁବ ସମାଜ ମଧ୍ୟରେ ଧୀରେ ଧୀରେ ଜାତି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ନାହିଁ ବା ଏବେ କିଛି ମାତ୍ରାରେ ଅଛି ଏବଂ ଧୀରେ ଧୀରେ ହ୍ରାସ ପାଇବ ନିଶ୍ଚୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନପ୍ରିୟ ଶୈଳୀ ବିଶ୍ୱର ବୃହତ୍ତମ ଗଣତନ୍ତ୍ରରେ ସାମାଜିକ–ରାଜନୈତିକ ସମୀକରଣକୁ ବଦଳାଇ ଦେଇଛି ଜାତି ଜନପ୍ରିୟତା ଅପେକ୍ଷା ହିନ୍ଦୁ ଜାତୀୟତାବାଦୀ ଜନପ୍ରିୟତା ଅଧିକ ଗ୍ରହଣୀୟ ହେଇଛି । ଭାରତୀୟ ଗଣତନ୍ତ୍ରର ଏହା ହେଉଛି ସବୁଠାରୁ ବଡ ପରିବର୍ତ୍ତନ । ୨୦୧୪ ପୂର୍ବରୁ, ବିଶେଷ କରି ଉତ୍ତର ଭାରତୀୟ ରାଜ୍ୟଗୁଡିକରେ, ମତଦାନ ଆଚରଣରେ ଜାତି ଏକ ପ୍ରାଥମିକ ଭୂମିକା ଗ୍ରହଣ କରିଥିଲା ଯାହା ଏବେ ବଦଳିଛି । ସେହିପରି କେତେକଙ୍କ ଧର୍ମକୁ ନେଇ ରାଜନୀତି ମଧ୍ୟ ଶିକ୍ଷିତ ସମାଜରେ ବା ଯୁବକମାନଙ୍କ ମଧ୍ୟରେ କେତେ ଗ୍ରହଣୀୟ ହେବ, ତାହା ପର ପର୍ଯ୍ୟାୟରେ ସ୍ପଷ୍ଟ ହେବ । ଶିକ୍ଷା ଅଗ୍ରସର ହେବା ସହିତ ଜାତି ଓ ଧର୍ମକୁ ନେଇ ରାଜନୀତିକୁ ଯୁବପିଢ଼ି ପସନ୍ଦ କରି ନ ପାରନ୍ତି । ବିକାଶ ହିଁ ସବୁକିଛି । ଦେଶର ଅର୍ଥନୀତି, ବୈଦେଶିକ ନୀତି, ଦେଶ ବାହାରେ ଭାରତର ଛବିରେ ଉନ୍ନତିକୁ ଲୋକେ ଜାତି ଓ ଧର୍ମ ଅପେକ୍ଷା ଅଧିକ ପସନ୍ଦ କରିବେ । ଦେଶର ବିକାଶ ପାଇଁ ନୂଆ ଚିନ୍ତାଧାରା ଲୋକଙ୍କ ପାଖରେ ଉପସ୍ଥାପିତ କରିପାରିଲେ, ଜନତା ହୁଏତ ଅଧିକ ଗ୍ରହଣ କରିବେ–ଏହା ସବୁ ରାଜନୈତିକ ଦଳ ଅନୁଭବ କରିବା ଆବଶ୍ୟକ । ଜାତି ଓ ଧର୍ମକୁ ଛାଡି ବିକାଶ କଥା ଚିନ୍ତା କରିବାକୁ ପଡିବ । କଂଗ୍ରେସ ଭାରତକୁ ସ୍ୱାଧୀନ କରିବାରେ ନେତୃତ୍ୱ ନେଇଛି ଏବଂ ଭାରତ ଜନତା ପାର୍ଟି ସହିତ ଭାରତର ଦୁଇଟି ପ୍ରମୁଖ ରାଜନୀତିକ ଦଳ ମଧ୍ୟରୁ କଂଗ୍ରେସ ଅନ୍ୟତମ । କଂଗ୍ରେସକୁ ପୁଣି ଥରେ ଲୋକପ୍ରିୟ କରିବା ଏବଂ ପୂର୍ବବସ୍ଥା ଫେରାଇ ଆଣିବା ପାଇଁ ରାହୁଲ ଗାନ୍ଧିଙ୍କ ପ୍ରଚେଷ୍ଟା ନିଶ୍ଚିତ ଭାବରେ ପ୍ରଶଂସନୀୟ । କିନ୍ତୁ ଜାତି ଗଣନା ବା ଜାତିକୁ ନେଇ ରାଜନୀତି କେତେଦୂର ତାଙ୍କୁ ଏବଂ ଦଳ ପାଇଁ ସହାୟକ ହେବ, ତାହା ଅନୁସନ୍ଧାନ ସାପେକ୍ଷ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ବିକଶିତ ଭାରତ ଲକ୍ଷ୍ୟ– ଏକ ସମୀକ୍ଷା

### ହିମାଂଶୁ ଶେଖର ଆଚାର୍ଯ୍ୟ

ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଓ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଭାରତକୁ ୨୦୪୭ ମସିହା ସୁଦ୍ଧା ବିକାଶର ଶୀର୍ଷରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆସନ୍ତା ୨୫ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏଥିପାଇଁ ସହଭାଗିତା ସହ ସମସ୍ତ ନାଗରିକମାନଙ୍କର ସାହାଯ୍ୟ ଓ ସହଯୋଗ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ସେହିପରି ଏକ ବିକଶିତ ରାଷ୍ଟ୍ର ଆଡ଼କୁ ଆମକୁ ଅଗ୍ରସର ହେବା ପାଇଁ ଦୁନୀତି ଭଳି ଆବର୍ଜନାକୁ ହଟାଇବା ଜରୁରୀ ବୋଲି ସେ କହିଥିଲେ । ବାସ୍ତବରେ ଦେଖିବାକୁ ଗଲେ ଦୁର୍ନୀତି ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ ରୂପେ ଉଭା ହୋଇଛି । ଏଥିପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି । ସୂଚନାଯୋଗ୍ୟ ଯେ, ଅଗଣିତ ସଂଗ୍ରାମୀଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଏବେ ଦେଶ ସ୍ୱାଧୀନ ହେବାର ୭୬ବର୍ଷ ପୂରି ୭୭ ବର୍ଷରେ ପଦାର୍ପଣ କରିଛି ।

ଏହି ସାତ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏହା ଆମ ପାଇଁ ଗୌରବର ବିଷୟ । ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନକରି ଚାଲିଛୁ । ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ଆମେ ଆମର ଇପ୍‌ସିତ ଲକ୍ଷ୍ୟକୁ ଅନେକାଂଶରେ ପୂରଣକରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛୁ । ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି ।

ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି । ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌ଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକିନୁହେଁ, ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି । ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା, ସଫ୍ଟୱେୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯାଦା ଦେଇଛି । ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୯ କୋଟିରେ ପହଞ୍ଚିଲାଣି । ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୫ବର୍ଷକୁ ବୃଦ୍ଧି ପାଇଛି । ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି ।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହାହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ପ୍ରତିଶତ ଶିଶୁ । ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ । ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ । ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୂଳ କାରଣ ହେଉଛି ଦୁର୍ନୀତି । ଖାଲିସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା କିଛି ଲୋକ । ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୯ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ଦିନକୁ ଦିନ ଆମ ମାଆ–ଭଉଣୀ ମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀ ଠାରୁ ପଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ଆବଶ୍ୟକୀୟ ନିଯୁକ୍ତି ନାହିଁ । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି । ଏହାହିଁ କ୍ଷୋଭର ବିଷୟ ।

ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ଦେଶପାଇଁ ୭୭ ବର୍ଷ କିଛିକମ୍ ନୁହେଁ । ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟ ଛୋଟ ଦେଶ ଆଜି ସବୁ କ୍ଷେତ୍ରରେ ଆମ ଠାରୁ ବହୁ ଆଗରେ କିନ୍ତୁ ଆମେ ବହୁ ପଛରେ ପଡିଛୁ । ଅଦ୍ୟାବଧି ଆମ ଜନସଂଖ୍ୟାର ୬୮.୮ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ବେଳେ ସହରାଞ୍ଚଳରେ ମାତ୍ର ୩୧.୨ଭାଗ ଲୋକ ବାସ କରନ୍ତି । କିନ୍ତୁ ଅନ୍ୟାନ୍ୟ ବିକଶିତ ଦେଶ ଇଂଲଣ୍ଡରେ ସହରାଞ୍ଚଳରେ ୮୦ପ୍ରତିଶତ, ଯୁକ୍ତରାଷ୍ଟ୍ର ଆମେରିକାରେ ୭୪ ପ୍ରତିଶତ, ଜାପାନରେ ୬୮ ପ୍ରତିଶତ ଲୋକ ଓ ଦକ୍ଷିଣ କୋରିଆରେ ପ୍ରାୟ ୮୩ ପ୍ରତିଶତ ଲୋକ ସହରାଞ୍ଚଳରେ ବାସ କରନ୍ତି । ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷି ପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପ ପ୍ରଧାନ । ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ । ଏପରିକି ସେମାଙ୍କର ଜୀବନ ଧାରଣର ମାନ ଆମଠାରୁ ବହୁତ ଉନ୍ନତ । ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ । ବିକଶିତ ଦେଶ ହେବା ପାଇଁ ଆମକୁ ଆହୁରି ଅନେକ ବାଟ ଯିବାକୁ ହେବ । ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି ।

ଏଥିପାଇଁ ସବୁକ୍ଷେତ୍ରରେ ଦ୍ରୁତଗତିଶୀଳ ଅଭିବୃଦ୍ଧି ଆବଶ୍ୟକ । ଖାଲି ସେତିକି ନୁହେଁ ଏହି ବିକାଶକୁ ଦୀର୍ଘସ୍ଥାୟୀ ଓ ଚିରସ୍ଥାୟୀ କରିବା ଦରକାର । ଏଥି ସହିତ ବିକାଶ ପାଇଁ ଯେଉଁ ରଣନୀତି ଅନୁସରଣ କରାଯାଇଛି ତାହାକୁ ବଜାୟ ରଖିବାକୁ ହେବ । ଭାରତର ବିକାଶ ପ୍ରକ୍ରିୟାରେ ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ବିକଶିତ ରାଷ୍ଟ୍ର ଗଠନ କରିବାକୁ ହେଲେ ମୁଣ୍ଡପିଛା ଆୟକୁ ବଢାଇବାକୁ ହେବ । ବିକଶିତ ରାଷ୍ଟ୍ରରେ ଦୁର୍ନୀତି ଓ ଭ୍ରଷ୍ଟାଚାରର ନିରାକରଣ ହେବା ଦରକାର । ଏତଦ୍ ବ୍ୟତୀତ ବିକାଶର ସୁଫଳ ଯେପରି ସମାଜର ସର୍ବନିମ୍ନ ସ୍ତରରେ ଥିବା ଲୋକଟି ପାଖରେ ପହଞ୍ଚ ପାରିବ ସେଥିପାଇଁ ଉଦ୍ୟମ ହେବା ଜରୁରୀ । ଏପରିକି ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟାର ସମାଧାନ ପାଇଁ ଅଗ୍ରାଧିକାର ଦେବାକୁ ହେବ । ତା ହେଲେ ଯାଇ ବିକଶିତ ଭାରତର ସ୍ୱପ୍ନ ସାକାର ହୋଇପାରିବ ।

ତିର୍ତ୍ତୋଲ, ଜଗତସିଂହପୁର
ମୋ–୯୯୩୭୧୫୧୦୫୨

# ମଧୁର ଦାମ୍ପତ୍ୟ

### ବୈଷ୍ଣବ ମେହେର

ପତି ଓ ପତ୍ନୀ ଉଭୟ ପରସ୍ପରର ପରିପୂରକ । ଏକ ପୂର୍ଣ୍ଣାଙ୍ଗ ପରିବାର ନିମନ୍ତେ ପତିପତ୍ନୀଙ୍କ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଏବଂ ଅଙ୍ଗୀକାରବଦ୍ଧତା ସଦା ସ୍ୱୀକାର୍ଯ୍ୟ । ଏକଥା ଭୁଲିବାର ନୁହେଁ ଯେ, ପରିବାରର ସୁଖ ସମୃଦ୍ଧି ତଥା ଶ୍ରୀବୃଦ୍ଧି ପାଇଁ ପତିପତ୍ନୀଙ୍କ ସମାନ ସାଧନା, ତ୍ୟାଗ ଏବଂ ସମର୍ପିତ ଭାବ ରହିବା ବିଧେୟ ।

ନାରୀ ଶକ୍ତି ଓ ପୁରୁଷ ପୌରୁଷର ପ୍ରତୀକ । ପୌରୁଷ ବିନା ଶକ୍ତି ଓ ଶକ୍ତି ବିନା ପୌରୁଷ ଯେମିତି ବ୍ୟର୍ଥ ଠିକ ସେମିତି ନାରୀ ବିନା ପୁରୁଷ ଓ ପୁରୁଷ ବିନା ନାରୀ ମଧ୍ୟ ଅପୂର୍ଣ୍ଣ ଓ ଅସହାୟ । ତେଣୁ ଅନେକାଂଶରେ ମଣିଷର ଆନ୍ତରିକ ତଥା ବାହ୍ୟ ଜୀବନର ବିକାଶ ପାଇଁ ନାରୀ ଓ ପୁରୁଷ ପରସ୍ପରର ସହଯୋଗୀ ହେବା ଯେତିକି ବିଧିସଙ୍ଗତ ସେତିକି ଅପରିହାର୍ଯ୍ୟ । ଅପରପକ୍ଷେ ମଣିଷର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଉନ୍ନତି ଓ ବିକାଶ ନିମନ୍ତେ ପତିପତ୍ନୀଙ୍କ ସହଯୋଗ, ଏକତା, ସର୍ବୋପରି ତ୍ୟାଗପୂର୍ଣ୍ଣ ଦାମ୍ପତ୍ୟ ଜୀବନର ଆବଶ୍ୟକତା ଅପରିହାର୍ଯ୍ୟ । ପତ୍ନୀ କେବଳ ପତିର ଅର୍ଦ୍ଧାଙ୍ଗିନୀ ନୁହଁ ସେ ଘରର ଲକ୍ଷ୍ମୀ ମଧ୍ୟ । ଘରର ସ୍ଥିତିକୁ ଦେଖି ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁ ରୂପେ ଚଳେଇ ନେବା ହିଁ ପତ୍ନୀର ସବୁଠାରୁ ବଡ଼ ଧର୍ମ । ଶାଶୁଶ୍ୱଶୁର, ସ୍ୱାମୀ, ଦିଅର ନଣନ୍ଦ, ପୁଅଝିଅ ସମସ୍ତଙ୍କ ଇଚ୍ଛାକୁ ପୂରଣ କରିବାରେ ପରିବାରର ଏହି ଲକ୍ଷ୍ମୀଙ୍କ ଯେତିକି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ଠିକ୍ ସେତିକି ମହତ୍ୱପୂର୍ଣ୍ଣ ହୋଇଥାଏ । ପରିବାରର ଏହି ସମସ୍ତ ସଦସ୍ୟଙ୍କୁ ଶୃଙ୍ଖଳିତ ପଥରେ ପରିଚାଳନା କରିବା । ପ୍ରତ୍ୟେକ ପରିସ୍ଥିତିରେ ପତିର କଥାକୁ ଧ୍ୟାନର ସହିତ ଶୁଣି ତା'ର ଉଭୟ ସୁଖଦୁଃଖରେ ସମଭାବାପନ୍ନ ହେବା ପତ୍ନୀ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ପତିକୁ ମଧ୍ୟ ଠିକ୍ ସେହିପରି ପତ୍ନୀର ପ୍ରତ୍ୟେକ କଥାକୁ ଧୈର୍ଯ୍ୟର ସହ ଗ୍ରହଣ କରି ତା'ର ସୁଖ ଓ ଦୁଃଖକୁ ନିଜର ସୁଖଦୁଃଖ ଭାବେ ଅନୁଭବ କରିବା ସେତିକି ମହତ୍ୱପୂର୍ଣ୍ଣ । ବାସ୍ତବରେ କହିବାକୁ ଗଲେ ପତିପତ୍ନୀ ସଂସାରର ଏମିତି ବନ୍ଧୁ ଯାହାର ଅନ୍ୟ କୌଣସି ବିକଳ୍ପ ହିଁ ନାହିଁ । ଯେଉଭଳି ପରିସ୍ଥିତି ଥାଉନା କାହିଁକି ପତ୍ନୀ ସଦା ପତିର ସହଚରୀ ଏବଂ ପତି ପତ୍ନୀର ସହଯୋଗୀ ହେଲେ ଯାଇ ଦାମ୍ପତ୍ୟ ଜୀବନକୁ ମଧୁମୟ କରାଯାଇପାରିବ ।

ସକାଳ ପାଇଲେ ରାମଚନ୍ଦ୍ର ରାଜା ଏବଂ ସୀତା ରାଣୀ ହେବାର ଥିଲା । ଏନେଇ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ସେହି ରାତିରେ ହିଁ ସବୁକିଛି ବଦଳିଗଲା ଓ ରାମଙ୍କୁ ବଣକୁ ଯିବାକୁ ପଡ଼ିଲା । ରାମ ରାଜା ହୋଇଥିଲେ ରାଣୀ ହେବାରେ ସୀତାଙ୍କ ଯେତିକି ଉତ୍ସାହ ବନବାସୀ ରାମଙ୍କ ସହ ବନଗମନ କରିବାରେ ମଧ୍ୟ ସେତିକି ଆଗ୍ରହ ହିଁ ସେଦିନ ପ୍ରକୃତ ଦାମ୍ପତ୍ୟତାକୁ ପ୍ରତିପାଦିତ କରିଥିଲା । ପତିପତ୍ନୀଙ୍କ ସଂପର୍କକୁ ନେଇ ଆଉ ଏକ କଥା ମନେପଡ଼େ, ପୌଢ଼ଶିକ୍ଷା କେନ୍ଦ୍ରରେ ଅର୍ଦ୍ଧ ବୟସ୍କା ବୀଣାକୁ ନିଜ ଜୀବନର ଗୁରୁତ୍ୱପୂର୍ଣ୍ଣ ତିରିଶ ଜଣ ବ୍ୟକ୍ତିଙ୍କ ନାମ କଳାପଟାରେ ଲେଖିବାକୁ କହି ପରବର୍ତ୍ତୀ ସମୟରେ ସେହି ତାଲିକାରୁ ଜଣକ ପରେ ଜଣେ କମ ଗୁରୁତ୍ୱ ରଖୁଥିବା ବ୍ୟକ୍ତିଙ୍କ ନାମ କ୍ରମାନ୍ୱୟରେ ଲିଭାଇ ଦେବାକୁ ଶିକ୍ଷକ ନିର୍ଦ୍ଦେଶ ଦେଇଥିଲେ । ସେହି ତାଲିକାରୁ ମାଆ, ବାପା, ସ୍ୱାମୀ, ପୁଅଝିଅ, ଭାଇଭଉଣୀ, ପଡ଼ୋଶୀ, ସାଙ୍ଗସାଥି ଧୀରେ ଧୀରେ ସମସ୍ତଙ୍କ ନାମ ବୀଣା ଲିଭାଇ ଚାଲିଲା । ଶେଷରେ ସ୍ୱାମୀ ଓ ପୁଅ ଦୁଇଜଣ କଳାପଟାରେ ରହିଥିବା ବେଳେ ବୀଣା ସକଳ କଷ୍ଟକୁ ଛାତିରେ ଚାପି ଦେଇ ପୁଅର ନାଁ କୁ ଲିଭାଇ ଦେଲା । ଏବେ କେବଳ ସ୍ୱାମୀର ନାଁ ରହିଲା । ଏହା ଦେଖି ଶିକ୍ଷକ ବୀଣାକୁ ପଚାରିଲେ, ତୁମ ବାପାମାଆ ତୁମକୁ ପାଳିପୋଷି ମଣିଷ କରିଥିଲେ । ଏକମାତ୍ର ପୁଅ ଯାହାକୁ ନିଜ ଗର୍ଭରୁ ଜନ୍ମ ଦେଇଛ । ତଥାପି ଏମାନଙ୍କୁ ନିଜ ଜୀବନରୁ ବାଦ ଦେଇ ଦେଲ । ହେଲେ ସ୍ୱାମୀକୁ କାହିଁକି ବାଦ ଦେଇ ପାରିଲ ନାହିଁ । ଏ ପ୍ରଶ୍ନରେ ଅତ୍ୟନ୍ତ ଶାନ୍ତ ସ୍ୱରରେ ବୀଣା କହିଲେ, ସାର୍ ବାପାମାଆ ଦିନେ ମୋ ଆଗରୁ ସଂସାରରୁ ଚାଲିଯିବେ ।

ପୁଅ ମଧ୍ୟ ବଡ଼ ହୋଇ ନିଜ ପରିବାର କରିବ । ହେଲେ ଜୀବନର ଶେଷ ମୁହୂର୍ତ୍ତ ଯାଏଁ ମୋ ସ୍ୱାମୀ ହିଁ ମୋ ସହିତ ରହିବେ । ସେ ମୋତେ କିମ୍ବା ମୁଁ ତାଙ୍କୁ ଛାଡ଼ି କୁଆଡ଼େ ଯାଇ ପାରିବୁ ନାହିଁ । ବୀଣାର ଏହି ଉତ୍ତରରୁ ପତିପତ୍ନୀଙ୍କ ସମ୍ପର୍କର ଗଭୀରତାକୁ ଅକ୍ଲେଶରେ ହୃଦୟଙ୍ଗମ କରିହୁଏ ।

ଭାରତୀୟ ସଂସ୍କୃତିରେ ପତିପତ୍ନୀର ବନ୍ଧନକୁ ସୁଖଦ କରିବା ପାଇଁ ବିବାହ ବେଦୀରେ ହାତଗଣ୍ଠି ପକାଯାଏ । ଜୀବନର ଖଟାମିଠା ଅନୁଭୂତି ଭିତରେ ଏ ଗଣ୍ଠି ଯେମିତି ହୁଗୁଳା ହୋଇ ନଯାଏ, ସେଥିପାଇଁ ବିବାହ ବାର୍ଷିକୀ ପୁନଃ ପରସ୍ପର ପ୍ରତି ସମର୍ପିତ ହେବାର ଅବସର ଆଣିଥାଏ । ଏକଥା ଆମକୁ ବୁଝିବାକୁ ହେବ ଯେ, ଦାମ୍ପତ୍ୟ ଜୀବନ ହେଉଛି ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆଉ କର୍ତ୍ତବ୍ୟବୋଧର ଅପୂର୍ବ ସମାହାର । ଯାହା ମାଧ୍ୟମରେ କେବଳ ବୈକୁଣ୍ଠ ସମାନ ପରିବାର ନୁହଁ ଅଧିକନ୍ତୁ ଏକ ଆଦର୍ଶ ସମାଜର ପରିକଳ୍ପନାକୁ ବାସ୍ତବ ରୂପ ଦିଆଯାଇ ପାରିବ ।

ସିନାପାଲି, ନୂଆପଡ଼ା
ମୋ–୯୭୭୭୭୫୩୯୩୫

# ମିଲେଟ ବା ପୁଷ୍ଟିଶସ୍ୟ

### ବାଦଲ ଭୂୟାଁ

ଯୁଗ ଯୁଗରୁ ମିଲେଟ ବା ପୁଷ୍ଟି ଶସ୍ୟ ଆମ ଖାଦ୍ୟପେୟର ଏକ ଅଂଶବିଶେଷ ହୋଇ ରହି ଆସିଛି। ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏହାକୁ ଚାଷ କରନ୍ତି । ଏବେ ଏହି ପୁଷ୍ଟିଯୁକ୍ତ ଶସ୍ୟ ବିଶ୍ୱ ଦରବାରରେ ପହଞ୍ଚାଇବାର ସମୟ ଆସିଛି । ରାଜ୍ୟ ସରକାରଙ୍କ ତରଫରୁ ମିଲେଟ୍ସ ମିଶନ ଏବଂ ତତ୍ ସମ୍ବନ୍ଧୀୟ ଉଦ୍ୟୋଗ ଓ ଜୀବଜୀବିକାର ସାଧନ ଲାଗି ୨୫୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ।

୨୦୧୭ ମସିହାରେ ରାଜ୍ୟ ସରକାର ମିଲେଟ ମିଶନର ଶୁଭାରମ୍ଭ କରିଥିଲେ । ଏବେ ଏହା ମିଳିତ ଜାତିସଂଘର ଅନୁମୋଦନ ଲାଭ କରିଛି । ୨୦୨୩ ମସିହାକୁ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବର୍ଷ ଭାବେ ଜାତିସଂଘ ଘୋଷଣା କରିଛନ୍ତି । ଏହା ଫଳରେ ବିଶ୍ୱସ୍ତରରେ ଏହି ଶସ୍ୟ ପ୍ରତି ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହୋଇଛି । ମିଲେଟ୍ସକୁ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଉଦ୍ୟୋଗ କରିବାରେ ସଫଳ ହୋଇଛନ୍ତି । ଏହାଦ୍ୱାରା ଆଦିବାସୀ ସମ୍ପ୍ରଦାୟ ସଶକ୍ତ ହୋଇଛି । ରାଜ୍ୟ ସରକାର ମିଲେଟ ପ୍ରତି ସଚେତନତା ସୃଷ୍ଟି କରି ନାଗରିକମାନଙ୍କ ମଧ୍ୟରେ ସକାରାତ୍ମକ ଦୃଷ୍ଟିକୋଣ ବିକଶିତ କରିବାକୁ ଯୋଜନା କରିଛନ୍ତି । ଓଡ଼ିଶାରେ ମାଣ୍ଡିଆ, ସୁଆଁ ଭଳି ପୁଷ୍ଟିଶସ୍ୟ ବେଶ ପରିଚିତ ଥିବାବେଳେ ଏହାର ବ୍ୟବହାର ବଢ଼ାଇବା ଲାଗି ସରକାର ମେଡ଼ିକାଲ ଠାରୁ ସ୍କୁଲ ପର୍ଯ୍ୟନ୍ତ ଏହାକୁ ଖାଦ୍ୟରେ ସାମିଲ କରିଛନ୍ତି ।

ପୁଷ୍ଟିଶସ୍ୟର ପୁନରୁଦ୍ଧାର କରିବା ସହିତ ଏହାକୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶା ସରକାର ଉଭୟ ପ୍ରଶାସନ ଓ ସମାଜକୁ ନେଇ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏହି ମହତ ପ୍ରୟାସ ସହିତ ପ୍ରତ୍ୟେକ ସାଧାରଣ ଲୋକର ଖାଇବା ଥାଳିରେ ମିଲେଟ ଭଳି ଏକ ସର୍ବୋତ୍ତମ ଖାଦ୍ୟ ପହଞ୍ଚାଇବାକୁ ଆମ ରାଜ୍ୟ ସର୍ବୋତ୍ତମ ଭାବେ କାର୍ଯ୍ୟ କରିବ । ମିଲେଟ ଓ ମିଲେଟ ଭିତ୍ତିକ ଉଦ୍ୟୋଗ ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ସରକାରଙ୍କର ଉଦ୍ଦେଶ୍ୟ ।

ଆମେ ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହିତ ନାଗରିକମାନଙ୍କ ମଧ୍ୟରେ ଏକ ସକରାତ୍ମକ ଦୃଷ୍ଟିକୋଣ ବିକଶିତ କରି ରାଜ୍ୟ ସ୍ୱାସ୍ଥ୍ୟ ସୂଚକାଙ୍କକୁ ଉନ୍ନତି କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଅନନ୍ୟ ଶସ୍ୟ ଆଜିର ସମାଜରେ ତାର ଯୋଗ୍ୟ ସ୍ୱୀକୃତି ଫେରିପାଇବ ଏବଂ ସୁସ୍ଥ ଜୀବନ ଯାପନ କରିବାରେ ଆମ୍ଭମାନଙ୍କୁ ସହାୟକ ହେବ ବୋଲି ଆଶା ରହିଛି । ଓଡ଼ିଶାର କୃଷି କ୍ଷେତ୍ର ଆଜି ବ୍ୟାପକ ବିକାଶ କରିଛି ଓ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏ ନେଇ କେନ୍ଦ୍ର ସରକାର ଓ ବିଶ୍ୱର ବିଭିନ୍ନ ଦରିଆପାରି ସଂଗଠନ ଓ ଅନ୍ୟାନ୍ୟ ସଂଗଠନ ଠାରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ମଧ୍ୟ ହୋଇଛି ।

ଏଣିକି ହସ୍ପିଟାଲ କ୍ୟାଣ୍ଟିନରେ ମିଲେଟରେ ପ୍ରସ୍ତୁତ ଖାଦ୍ୟ ମିଳିବାର ବ୍ୟବସ୍ଥା ହୋଇଛି । ତା ସହିତ ସମଗ୍ର ଦେଶରେ ଥିବା ନାମୀ ରେଷ୍ଟୁରାଣ୍ଟ ଚେନ ୱାଓ ମୋମୋ ଆଉଟଲଟରେ ମିଲେଟ ବା ମାଣ୍ଡିଆରୁ ତିଆରି ମୋମୋ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ମିଳିବାର ବ୍ୟବସ୍ଥା ହୋଇଛି । ହସ୍ପିଟାଲ ଗୁଡ଼ିକରେ ରୋଗୀଙ୍କୁ ମିଲେଟ ଖାଦ୍ୟ ଦେବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ ଲାଭଜନକ ହେବ । ରାଜ୍ୟରେ ଗତ ବର୍ଷ ୬ଲକ୍ଷ ମେଟ୍ରିକ ଟନ ମିଲେଟ ସଂଗ୍ରହ କରାଯାଇଛି । ୩୦ ଜିଲ୍ଲାର ୧୭୭ ବ୍ଲକରେ ଏଥର ମିଲେଟ ଚାଷ କରାଯାଉଛି । ଅନ୍ୟପଟେ ରାଜ୍ୟରେ ଅଢ଼େଇ ଲକ୍ଷ ହେକ୍ଟର ଜାଗାରେ ଚାଷ ହୋଇଛି । ଆଉ ଦୁଇ ଲକ୍ଷ ଚାଷୀ ଏଥିରେ ଯାଡ଼ି ହୋଇଛନ୍ତି । ମିଲେଟ ଚାଷକୁ ପ୍ରୋତ୍ସାହନ ଦେବା ଲାଗି ସରକାର ଏମଏସପି ନିର୍ଦ୍ଧାରଣ କରିଛନ୍ତି । ଯାହା ଆଗାମୀ ଦିନରେ ଏହି ଚାଷକୁ ଆଗକୁ ନେବ । ନିକଟରେ ଭୁବନେଶ୍ୱରର ଜନତା ମଇଦାନରେ ଦୁଇ ଦିନିଆ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀରେ ଅନୁଷ୍ଠି ହୋଇଥିଲା ଯେଉଁଥିରେ ମିଲେଟ ଚାଷ ପ୍ରକ୍ରିୟାକରଣରେ କୃଷକମାନଙ୍କର ସଂପୃକ୍ତିରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ, ବୈଷୟିକ ଅଧିବେଶନ, ଅନ୍ତର୍ଜାତୀୟ ଖାଦ୍ୟମେଳା, କୁଇଜ ପ୍ରତିଯୋଗିତା, ରନ୍ଧନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହା ସହ ମିଶନ ଶକ୍ତି ଅଧୀନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଲେଟ ଉଦ୍ୟୋଗୀମାନଙ୍କ ସଫଳତାର କାହାଣୀ ପ୍ରଦର୍ଶିତ ହେବା ସହ ସାରା ଦେଶ ପାଇଁ ସମ୍ମିଳନୀରେ ମିଲେଟ ପଲିସି ରୋଡ଼ମ୍ୟାପ ପ୍ରସ୍ତୁତ ହୋଇଛି। ମାଣ୍ଡିଆ ଚାଷୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ସହ ଘରେ ଘରେ ମିଲେଟ ବ୍ୟବହାର ବୃଦ୍ଧି ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଲକ୍ଷ୍ୟ ରଖିଛି। ଅନ୍ୟପଟେ ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଆଫ୍ରିକୀୟ ଓ ୟୁରୋପୀୟ ଦେଶର କୃଷି ପରାମର୍ଶଦାତା ସାମିଲ ହୋଇଛନ୍ତି । ଓଡ଼ିଶାର ମିଶନ ଶକ୍ତି ଓ ମିଲେଟ ମିଶନ ଆଜି ସମଗ୍ର ବିଶ୍ୱରେ ତାର ସ୍ୱତନ୍ତ୍ରତା ଓ ଗୌରବର ଗାଥା ବୃଦ୍ଧି କରିବାରେ ସମର୍ଥ ହୋଇଛି।

୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ–୭୪୮୮୯୯୮୫୩୨

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ
ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।
ଗୋପବନ୍ଧୁ ଦାସ

# ରାଜସ୍ଥାନରୁ ସୋନିଆ ରାଜ୍ୟସଭା ପ୍ରାର୍ଥୀ

## ଦାଖଲ କଲେ ନାମାଙ୍କନ ପତ୍ର



**ନୂଆଦିଲ୍ଲୀ:** କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧିଙ୍କ ଲୋକସଭା ଯାତ୍ରା ଶେଷ ହୋଇଛି । ୨୫ ବର୍ଷ ଧରି ସେ ଲୋକସଭା ସଦସ୍ୟ ଥିଲେ । ଏଥର ସେ ରାଜ୍ୟସଭାକୁ ଆସିବେ । ୭୭ ବର୍ଷୀୟ ସୋନିଆ ରାଜସ୍ଥାନରୁ ରାଜ୍ୟସଭା ଲାଗି ବୁଧବାର ନାମାଙ୍କନପତ୍ର ଦାଖଲ କରିଛନ୍ତି । ରାଜସ୍ଥାନର ଜୟପୁର ଠାରେ ସେ ପହଞ୍ଚି ବରିଷ୍ଠ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ସୋନିଆ ଗାନ୍ଧି ପ୍ରଥମେ ଉତ୍ତରପ୍ରଦେଶର ଆମେଥି ଓ ରାଇବରେଲିରୁ ନିର୍ବାଚନ ଲଢ଼ିଥିଲେ । ଉଭୟ ଆସନରେ ସେ ଜିତିଥିଲେ । ୧୯୯୯ରେ ସେ ପ୍ରଥମେ ରାଜନୀତିରେ ପାଦଦେଇ ନିର୍ବାଚନରେ ଲଢ଼ିଥିଲେ । ତାଙ୍କ ସ୍ୱାମୀ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କର ମୃତ୍ୟୁର ୮ ବର୍ଷ ପରେ ଦଳକୁ ସଜାଡ଼ିବା ଲାଗି ରାଜନୀତିକୁ ଆସିଥିଲେ । ୨୦୦୪ରେ ସେ ମଧ୍ୟ ରାଇବରେଲିରୁ ନିର୍ବାଚନ ଲଢ଼ିଥିଲେ । ୧୯୯୯ରୁ ସେ ଦଳ ସହିତ ସାମିଲ ଅଛନ୍ତି । ତେବେ ରାଇବରେଲିରୁ ଏଥର ପ୍ରିୟଙ୍କା ଗାନ୍ଧି ନିର୍ବାଚନ ଲଢ଼ିବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି । ୨୦୦୪ରେ ସୋନିଆଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ କ୍ଷମତାକୁ ଆସିଥିଲା । ଲଗାତାର ୧୦ ବର୍ଷ ଧରି ୟୁପିଏ କ୍ଷମତାସୀନ ଥିଲା । ରାଇବରେଲିରେ କଂଗ୍ରେସକୁ ୫୫% ଭୋଟ ମିଳିଥିଲା । ଏବେ ରାଇବରେଲିର ପ୍ରାର୍ଥୀ ହୋଇ ରାଜନୀତିରେ ପ୍ରିୟଙ୍କା ଗାନ୍ଧି ତାଙ୍କ ଭୋଟ ରାଜନୀତି ଆରମ୍ଭ କରିବେ ବୋଲି ଆଲୋଚନା ହେଉଛି ।

## ଚାଷୀ ଆନ୍ଦୋଳନ ଜାରି

# କୃଷକଙ୍କ ଉପରକୁ ଟିୟର ଗ୍ୟାସ ମାଡ଼

**ନୂଆଦିଲ୍ଲୀ:** ଚାଷୀ ଆନ୍ଦୋଳନ ଜାରି ରହିଛି । ଚାଷୀଙ୍କ ଦିଲ୍ଲୀ ଚଲୋ ଅଭିଯାନକୁ ନେଇ ପ୍ରଶାସନ ଭୟଭୀତ ହୋଇପଡ଼ିଛି । ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ସହ ତୃତୀୟ ପର୍ଯ୍ୟାୟ ଆଲୋଚନା ହେବାର ସମ୍ଭାବନା ରହିଛି । ଆଜି ଚାଷୀମାନଙ୍କ ଉପରେ ଲାଠିମାଡ଼ କରାଯିବା ସହ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି । ପଞ୍ଜାବ ଓ ହରିୟାଣା ସୀମାରେ ପୋଲିସଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ଚାଷୀମାନେ ଦିଲ୍ଲୀ ଆଡ଼କୁ ଅଗ୍ରସର ହେଉଥିଲା ବେଳେ ତାଙ୍କୁ ସୀମାରେ ଅଟକାଯାଇଛି ।



ପଞ୍ଜାବ ଓ ହରିୟାଣା ସୀମାର ଶମ୍ଭୁଠାରେ ଶତାଧିକ ଟ୍ରାକ୍ଟର ଟ୍ରଲିରେ ଚାଷୀମାନେ ଦିଲ୍ଲୀ ଚଲୋ ଅଭିଯାନରେ ସାମିଲ ହୋଇଛନ୍ତି । ଏହାକୁ ଦୃଷ୍ଟିରେ

**ଆଜି କେନ୍ଦ୍ର ସରକାରଙ୍କ ସହ ହେବ ଆଲୋଚନା**

**ରାସ୍ତାରେ ମୋବିଲ ଢ଼ାଳି ବଡବଡ ଲୁହାକଣ୍ଟା ବାଡେଇଲେ**

ରଖି ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି । କଂକ୍ରିଟ ବ୍ୟାରିକେଟ କରାଯିବା ସହ ରାସ୍ତାଗୁଡ଼ିକୁ ଖୋଳି ଦିଆଯାଇଛି । ପୋଲିସ ପକ୍ଷରୁ ଆଜି ମଧ୍ୟ ଆନ୍ଦୋଳନରତ ଚାଷୀଙ୍କ ଉପରକୁ ଲୁହବୁହା ଗ୍ୟାସ ଛଡ଼ାଯାଇଛି । ଡ୍ରୋନ ମାଧ୍ୟମରେ ଏହି ଗ୍ୟାସ ଛଡ଼ାଯାଉଥିଲା ବେଳେ ଡ୍ରୋନକୁ ପ୍ରତିହତ କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଗୁଡ଼ି ଉଡ଼ାଯାଉଛି । ଦ୍ୱିତୀୟ ଦିନରେ ବି ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି । ଧୀରେଧୀରେ ଚାଷୀମାନେ ଦିଲ୍ଲୀର ନିକଟତର ହେଉଛନ୍ତି । ସେମାନଙ୍କୁ ନିୟନ୍ତ୍ରଣ କରିବା ପ୍ରଶାସନ ପକ୍ଷରୁ କାଠିକରପାଠ ହେଉଛି । ସେହିଭଳି ପଞ୍ଜାବ ସୀମାରେ ମଧ୍ୟ ଚାଷୀମାନେ ବ୍ୟାରିକେଡ ଭାଙ୍ଗିଛନ୍ତି । ସଂଯୁକ୍ତ କିଶାନ ମୋର୍ଚ୍ଚା ଓ କିଶାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଦିଲ୍ଲୀ ଚଲୋ ଡକରା ଦିଆଯାଇଛି । ପଞ୍ଜାବ ଓ ହରିୟାଣାର ପୋଲିସ ପକ୍ଷରୁ ଚାଷୀଙ୍କୁ ବଳପୂର୍ବକ ଅଟକାଯାଉଛି । ଲୁହବୁହା ଗ୍ୟାସ ଛାଡ଼ିବା ସହ ପାଣି ମାଡ଼ କରାଯାଉଛି । ଆନ୍ଦୋଳନକାରୀମାନଙ୍କୁ ଦିଲ୍ଲୀ ଯିବାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଉଛି । ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ସହ ତୃତୀୟ ପର୍ଯ୍ୟାୟ ଆଲୋଚନା ହେବ । ଚାଷୀ ନେତା ଓ କେନ୍ଦ୍ରମନ୍ତ୍ରୀ ଏହି ଆଲୋଚନାରେ ଉପସ୍ଥିତ ରହିବେ । ଆଲୋଚନା ନସରିବା ପର୍ଯ୍ୟନ୍ତ ଚାଷୀମାନେ ଦିଲ୍ଲୀ ଆଡ଼କୁ ଅଗ୍ରସର ହେବେ ନାହିଁ ବୋଲି କୁହାଯାଇଛି । ପୋଲିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟ ଚାଷୀ ଆନ୍ଦୋଳନ ୬ମାସ ପର୍ଯ୍ୟନ୍ତ ଚାଲିଥିଲା । ୬ମାସ ଲାଗି ସେମାନେ ଡିଜେଲ ଓ ରାସନ ଆଣି ଧାରଣାରେ ବସିଥିଲେ । ଚାଷୀ ନେତା ଜଗଜିତ୍ ସିଂହ ଦଲେଇୱାଲ କହିଛନ୍ତି ଯେ ଚାଷୀମାନେ ସରକାରଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ । ତେବେ ପ୍ରାଥମିକତା ହେଉଛି ଯେ ଚଣ୍ଡିଗଡ଼ରେ ଆଲୋଚନା ହେଉ । ଯାହା ପ୍ରତିବାଦ ସ୍ଥଳର ନିକଟତର । ଉତ୍ତର ଓ ପୂର୍ବ ଦିଲ୍ଲୀରେ ଚାଷୀମାନଙ୍କୁ ରୋକିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି । ସିନ୍ଧୁ ଓ ଟିକିରି ସୀମାକୁ ଆଜି ବନ୍ଦ କରିଦିଆଯାଇଛି । କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି ଯେ ଚାଷୀଙ୍କ ସହ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ।

# ଗୁଜରାଟରୁ ନଡ୍ଡା ଓ ମହାରାଷ୍ଟ୍ରରୁ ଅଶୋକ ଚୌହାନ ଯିବେ ରାଜ୍ୟସଭା

**ନୂଆଦିଲ୍ଲୀ:** ମହାରାଷ୍ଟ୍ରରୁ ରାଜ୍ୟସଭା ଯିବେ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିବା ଅଶୋକ ଚୌହାନଛ ସେହିପରି ଗୁଜରାଟରୁ ରଜ୍ୟସଭାକୁ ଯିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ରାଜ୍ୟ ସଭର୍ନିର୍ବାଚନ ପାଇଁ ବିଜେପି ତା'ର ପ୍ରକାଶ କରିଥିବା ତୃତୀୟ ପାର୍ଥୀ ତାଲିକାରୁ ଏହା ଜଣାପଡିଛି । ବିଜେପି ତରଫରୁ ଜାରି କରାଯାଇଥିବା ତାଲିକାରେ ୭ ଜଣଙ୍କ ନାମ ଉଲ୍ଲେଖ ରହିଛି । ଯାହା ମଧ୍ୟରୁ ୪ ଜଣଙ୍କୁ ଗୁଜରାଟ ଓ ୩ ଜଣ ମହାରାଷ୍ଟ୍ରରୁ ପ୍ରାର୍ଥୀ ହୋଇଛନ୍ତି । ବିଜେପି ଜାରି କରିଥିବା ପ୍ରାର୍ଥୀ ତାଲିକାର ପ୍ରଥମରେ ରହିଛନ୍ତି ଜେପି ନଡ୍ଡା, ଦ୍ୱିତୀୟରେ ଗୋବିନ୍ଦଭାଇ ଢୋଲକିଆ, ମୟଙ୍କ ଭାଇ ନାୟକ, ଯଶବନ୍ତ ସିଂ ସଲାମସିଂହ ପରମାରଙ୍କ ନାଁ ସାମିଲ ଅଛି । ଏମାନେ ଗୁଜରାଟରୁ ରାଜ୍ୟସଭା ପ୍ରାର୍ଥୀ ପାଇଁ





ମନୋନୀତ କରିଛି ବିଜେପି । ସେହିପରି ମହାରାଷ୍ଟ୍ରରୁ ରାଜ୍ୟସଭା ପ୍ରାର୍ଥୀ ପାଇଁ ଅଶୋକ ଚୌହାନ, ମେଧା କୁଲକର୍ଣ୍ଣୀ ଏବଂ ଅଜିତ ଗୋପଚାଡେଙ୍କୁ ପ୍ରାର୍ଥୀ କରିଛି ଦଳ । ଉଲ୍ଲେଖଯୋଗ୍ୟ ଯେ, ଫେବ୍ରୁଆରୀ ୧୩ରେ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିଲେ ଅଶୋକ ଚୌହାନ । ରବିବାର ଦିନ ବିଜେପି ଉତ୍ତରପ୍ରଦେଶ, ବିହାର, ଛତିଶଗଡ ଏବଂ ଅନ୍ୟାନ୍ୟ ରାଜ୍ୟ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା । ଦଳ ପୁଣି ଥରେ ସୁଧାଂଶୁ ତ୍ରିବେଦୀଙ୍କୁ ରାଜ୍ୟସଭାକୁ ପଠାଇବାକୁ ସ୍ଥିର କରିଛି । ତାଙ୍କୁ ଉତ୍ତରପ୍ରଦେଶରୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଥିଲା । ଦଳ ସୁଭାଷ ବାରାଲାଙ୍କୁ ହରିଆଣାରୁ ରାଜ୍ୟସଭାକୁ ପଠାଇବାକୁ ନିଷ୍ପତ୍ତି ନେଇଛି । ଯଦି ଆମେ ବିହାର ବିଷୟରେ ଆଲୋଚନା କରିବା, ତେବେ ଏନଡିଏରୁ ତିନିଜଣଙ୍କୁ ରାଜ୍ୟସଭାକୁ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି । ସେଥିମଧ୍ୟରୁ ଦୁଇଟି ନାମ ବିଜେପିର । ଦଳ ଧର୍ମଶୀଳା ଗୁପ୍ତା ଏବଂ ଭୀମ ସିଂହଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଛି । ଉଭୟ ପ୍ରଥମ ଥର ପାଇଁ ରାଜ୍ୟସଭାକୁ ଯିବେ । ଆଜି ଉଭୟ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

## ୩ ହାଇକୋର୍ଟ ବିଚାରପତି ବଦଳିବେ

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ କଲେଜିୟମ ସେମାନଙ୍କ ଅନୁରୋଧକ୍ରମେ ହାଇକୋର୍ଟର ୩ ଜଣ ବିଚାରପତିଙ୍କ ବଦଳି ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି ।

ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ବିଆର୍ ଗବାଇ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ କଲେଜିୟମ୍ ମଙ୍ଗଳବାର ଅନୁଷ୍ଠିତ ଏକ ବୈଠକରେ କଲିକତା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମୌସୁମୀ ଭଟ୍ଟାଚାର୍ଯ୍ୟଙ୍କ ଅନୁରୋଧକୁ ଗ୍ରହଣ କରି ତାଙ୍କୁ ଅନ୍ୟ କୌଣସି ହାଇକୋର୍ଟକୁ ବଦଳି କରିବାକୁ ଅନୁରୋଧ କରିଛନ୍ତି । ୨୦୨୪ ଫେବ୍ରୁଆରି ୧୨ ତାରିଖରେ ଏକ ଚିଠି ଜରିଆରେ ଜଷ୍ଟିସ୍ ମୌସୁମୀ ଭଟ୍ଟାଚାର୍ଯ୍ୟ ବ୍ୟକ୍ତିଗତ କାରଣରୁ ତାଙ୍କୁ କଲିକତା ହାଇକୋର୍ଟରୁ ଅନ୍ୟ କୌଣସି ହାଇକୋର୍ଟକୁ ବଦଳି କରିବାକୁ ଅନୁରୋଧ କରିଥିଲେ । ଉନ୍ନତ ନ୍ୟାୟ ପ୍ରଶାସନ ସ୍ୱାର୍ଥଦୃଷ୍ଟିରୁ ଜଷ୍ଟିସ ମୌସୁମୀ ଭଟ୍ଟାଚାର୍ଯ୍ୟଙ୍କୁ ତେଲେଙ୍ଗାନା ରାଜ୍ୟ ହାଇକୋର୍ଟକୁ ବଦଳି କରିବାକୁ କଲେଜିୟମ୍ ନିଷ୍ପତ୍ତି ଗ୍ରହଣ କରିଛି ବୋଲି କଲେଜିୟମ୍ କହିଛିଛକେରଳ ରାଜ୍ୟରୁ ବଦଳି ପାଇଁ ଆବେଦନ କରିଥିବା ଜଷ୍ଟିସ ଅନୁ ଶିବରମଣଙ୍କ ଅନୁରୋଧକୁ ମଧ୍ୟ କଲେଜିୟମ ଗ୍ରହଣ କରିଛନ୍ତିଛ ଜଷ୍ଟିସ ଅନୁ ଶିବରମଣଙ୍କୁ କର୍ଣ୍ଣାଟକ ହାଇକୋର୍ଟକୁ ବଦଳି କରିବାକୁ କଲେଜିୟମ୍ ନିଷ୍ପତି ଗ୍ରହଣ କରିଛି । ଅନ୍ୟ ଏକ ନିଷ୍ପତିରେ କଲେଜିୟମ କହିଛି ଯେ ତାଙ୍କ ପୁଅ ମଧ୍ୟପ୍ରଦେଶ ହାଇକୋର୍ଟରେ ଓକିଲାତି କରୁଥିବା ଦର୍ଶାଇ ବଦଳି ପାଇଁ ଜଷ୍ଟିସ ସୁଜୟ ପାଲଙ୍କ ଠାରୁ ୨୦୧୪ ଫେବ୍ରୁଆରି ୧୨ ତାରିଖରେ ଚିଠି ଆସିଥିଲାଛ କଲେଜିୟମ କହିଛି ଯେ ଉନ୍ନତ ନ୍ୟାୟ ପ୍ରଶାସନ ସ୍ୱାର୍ଥରେ ଜଷ୍ଟିସ ସୁଜୟ ପାଲଙ୍କୁ ତେଲେଙ୍ଗାନା ହାଇକୋର୍ଟକୁ ବଦଳି କରିବାକୁ ସୁପାରିସ କରିବାକୁ କଲେଜିୟମ ନିଷ୍ପତି ଗ୍ରହଣ କରିଛି ।

# କେଜରିୱାଲଙ୍କୁ ପୁଣି ଇଡି ସମନ

**ନୂଆଦିଲ୍ଲୀ:** ଅବକାରୀ ନୀତି ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପୁଣି ଥରେ ତାଙ୍କୁ ସମନ ପଠାଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ଷଷ୍ଠ ଥର ପାଇଁ ଇଡି କେଜ୍ରିୱାଲଙ୍କୁ ଏହି ସମନ ପଠାଇ ପଚରାଉଚରା ପାଇଁ ଡାକିଛି । ମନି ଲଣ୍ଡରିଂ ମାମଲାରେ ଇଡି କେଜ୍ରିୱାଲଙ୍କୁ ସମନ କରି ଫେବୃଆରୀ ୧୯ ତାରିଖରେ ହାଜର ହେବାକୁ କହିଛ । ଏହା ପୂର୍ବରୁ କେଜ୍ରିୱାଲଙ୍କୁ ଇଡି ଏହି ମାମଲାରେ ଜେରା କରିବା ପାଇଁ ୫ ଥର ସମନ ପଠାଇ ସାରିଛି । ତେବେ ଥରେ ବି ସେ ହାଜର ହୋଇନାହାନ୍ତି । ସେ ଇଡିର ଏହି ସମନକୁ କେନ୍ଦ୍ରର ପ୍ରତିଶୋଧ ବୋଲି କହି ବାରମ୍ବାର ଟାଳି ଆସିଛନ୍ତି । କ୍ରମାଗତ ଭାବରେ ସମନ ଜାରି କରିବା ପରେ ଅମ



ଆଦମୀ ପାର୍ଟି ଦାବି କରିଛି ଯେ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିବା ପାଇଁ ଏହି ସମସ୍ତ ପ୍ରକ୍ରିୟା କରାଯାଉଛି । ତାଙ୍କୁ ପଚରାଉଚରା କରିବା ବାହାନାରେ ଇଡି ତାଙ୍କୁ ଗିରଫ କରିବାକୁ ଚାହୁଁଛି ବୋଲି ଆପ୍ ଅଭିଯୋଗ କରିଛି । ସେପଟେ ବାରମ୍ବାର ସମନ ପରେ ବି କେଜ୍ରିୱାଲ ହାଜର ନହେବା ପରେ ଇଡି କୋର୍ଟର ଦ୍ୱାରସ୍ଥ ହୋଇଥିଲା ।ତଏହାପରେ ରାଉଜ ଏଭେନ୍ୟୁ କୋର୍ଟ ଜାନୁଆରୀ ୭ ତାରିଖରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ସମନ ପଠାଇଥିଲେ । ଜାନୁଆରୀ ୧୭ରେ ବ୍ୟକ୍ତିଗତ ରୂପେ କୋର୍ଟରେ ହାଜର ହେବାକୁ କହିଥିଲେ ।

ଉଲ୍ଲେଖଯୋଗ୍ୟ, ଅବକାରୀ ନୀତି ଦୁର୍ନୀତି ମାମଲାରେ ଟଙ୍କା ହେରଫେର ଅଭିଯୋଗରେ ବର୍ତ୍ତମାନ ସୁଦ୍ଧା ଇଡି ୧୪ ଜଣଙ୍କୁ ଗିରଫ କରିସାରିଛି ।ଏଥିରେ ଅମ୍ ଆଦମୀ ପାର୍ଟିର ଅନେକ ନେତା ଗିରଫ ହୋଇ ଜେଲରେ ଅଛନ୍ତି । ଗିରଫ ନେତାଙ୍କ ମଧ୍ୟରେ କେଜ୍ରିୱାଲ ସରକାରଙ୍କ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ୍, ସଞ୍ଜୟ ସିଂହ ଓ ବିଜୟ ନାୟର ପ୍ରମୁଖ ଅଛନ୍ତି ।

## ପାକ୍ ହମ୍ଲାର ଜବାବ ଦେଲା ଭାରତ

**ଶ୍ରୀନଗର:** ପାକିସ୍ତାନ ରେଞ୍ଜର୍ସଙ୍କ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଙ୍ଘନ କରାଯାଇଥିଲା । ଏହାର ଜବାବ ମଧ୍ୟ ବିଏସ୍ଏଫ ଯବାନଙ୍କ ପକ୍ଷରୁ ଦିଆଯାଇଥିଲା । କିଛି ଦିନର ବ୍ୟବଧାନ ପରେ ସୀମାରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଛି ପାକିସ୍ତାନ । ଜମ୍ମୁ ସ୍ଥିତ ଅନ୍ତର୍ଜାତୀୟ ସୀମାରେ ପାକିସ୍ତାନ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଛି । ସୀମାରେ ମୁତୟନ ହୋଇଥିବା ବିଏସ୍ଏଫ ଯବାନଙ୍କୁ ଟାର୍ଗେଟ କରି ହୋଇଥିବା ଗୁଳି ମାଡ଼ରେ ଭାରତର କୌଣସି ପ୍ରକାରର କ୍ଷୟକ୍ଷତି ହୋଇନାହିଁ । ସେନା ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ରେଞ୍ଜର୍ସଙ୍କ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଙ୍ଘନ କରାଯାଇଥିଲା । ଏହାର ଜବାବ ମଧ୍ୟ ବିଏସ୍ଏଫ ଯବାନଙ୍କ ପକ୍ଷରୁ ଦିଆଯାଇଥିଲା । ସନ୍ଧ୍ୟାର ୫.୫୦ରେ ଆରମ୍ଭ ହୋଇଥିବା ଗୁଳି ବିନିମୟ ଦୀର୍ଘ ୨୦ ମିନିଟ ଧରି ଚାଲିଥିଲା । ଏବେ ପରିସ୍ଥିତି ସ୍ୱାଭାବିକ ଥିବା ସେନା ପକ୍ଷରୁ କୁହାଯାଇଛି ।




# ଇରାନରେ ପୁଣି ଆତଙ୍କୀ ଆକ୍ରମଣ

**ତେହେରାନ:** ବୁଧବାର ସକାଳେ ଇରାନରେ ହୋଇଥିବା ବିସ୍ଫୋରଣରେ ଏକ ପ୍ରାକୃତିକ ଗ୍ୟାସ ପାଇପଲାଇନ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛିଛ ଜଣେ ଅଧିକାରୀ ଏହି ବିସ୍ଫୋରଣକୁ ଆତଙ୍କବାଦୀ କାର୍ଯ୍ୟ ବୋଲି କହିଛନ୍ତି । ଗାଜା ଉପତ୍ୟକାରେ ହାମାସ ବିରୋଧରେ ଇସ୍ରାଏଲର ଯୁଦ୍ଧ ମଧ୍ୟରେ ମଧ୍ୟପ୍ରାଚ୍ୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଏହି ବିସ୍ଫୋରଣ ଯୋଗୁଁ ଇରାନର ପଶ୍ଚିମ ଚହରମହଲ ଓ ବଖତିଆରି ପ୍ରଦେଶରୁ କାସ୍ପିଆନ୍ ସାଗରର ଉତ୍ତରରେ ଥିବା ସହରକୁ ପ୍ରାକୃତିକ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରଭାବିତ ହୋଇଛି । ତେବେ ଏ ନେଇ ଇରାନ ସରକାର ବିଶେଷ କିଛି ସୂଚନା ଦେଇନାହାନ୍ତି । ୧୨୭୦ କିଲୋମିଟର ଲମ୍ବର ଏହି ପାଇପଲାଇନ୍ ଇରାନର ଦକ୍ଷିଣରେ ଥିବା ଗ୍ୟାସ୍ ଫିଲ୍ଡ ହବ୍ ଆସାଲୁୟେହରୁ ଆରମ୍ଭ ହୋଇଛି । ଇରାନର ଗ୍ୟାସ ନେଟୱାର୍କ କଣ୍ଟ୍ରୋଲ ସେଣ୍ଟରର ମ୍ୟାନେଜର ସଇଦ ଅଘାଲି ଇରାନର ସରକାରୀ ଟେଲିଭିଜନକୁ କହିଛନ୍ତି ଯେ ଏକ କ୍ଷତିକାରକ ଏବଂ ଆତଙ୍କବାଦୀ କାର୍ଯ୍ୟ ଯୋଗୁଁ ପାଇପଲାଇନ ନିକଟବର୍ତ୍ତୀ ଅନେକ ଅଞ୍ଚଳରେ ବିସ୍ଫୋରଣ



ଘଟିଛି । ବିସ୍ଫୋରଣ ପାଇଁ ଅଘାଲି କୌଣସି ସନ୍ଦିଗ୍ଧ କିମ୍ବା ଗୋଷ୍ଠୀର ନାମ ଉଲ୍ଲେଖ କରିନାହାଁନ୍ତି । ଅତୀତରେ ଦକ୍ଷିଣ-ପଶ୍ଚିମ ଇରାନରେ ତୈଳ ପାଇପଲାଇନ ଉପରେ ହୋଇଥିବା ଆକ୍ରମଣ ପାଇଁ ଆରବ ବିଚ୍ଛିନ୍ନତାବାଦୀମାନେ ନିଜକୁ ଦାୟୀ କରିଛନ୍ତି । ତେବେ ପାଇପ୍ ଲାଇନ୍ ଭଳି ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ ଅତ୍ୟନ୍ତ ବିରଳ ଘଟଣା ବୋଲି କୁହାଯାଉଛି ।

# ୟୁଏଇରେ ଖୋଲିଲା ପ୍ରଥମ ହିନ୍ଦୁ ମନ୍ଦିର




**ଆବୁଧାବୀ:** ଲୋକାର୍ପିତ ହେଲା ଅବୁଧାବି ସ୍ଥିତ ଇଅଲଗ ସ୍ୱାମୀ ନାରାୟଣ ମନ୍ଦିର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଲୋକାର୍ପଣ କରିଛନ୍ତି । ଏହି ସମୟରେ ସେ ୪୨ଟି ଦେଶର ପ୍ରତିନିଧୀଙ୍କୁ ସମ୍ବୋଧିତ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ବଲିଉଡ ଅଭିନେତା ଅକ୍ଷୟ କୁମାର ମଧ୍ୟ ସାମିଲ ହୋଇଛନ୍ତି । ଏଥିସହ ଅନେକ ଭାରତୀୟ ମଧ୍ୟ ଦେଶର କୋଣ ଅନୁକୋଣରୁ ଆସି ଏହି ମନ୍ଦିରର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହୋଇଛନ୍ତି । ମନ୍ଦିରର କୋଣ ଅନୁକୋଣରେ ଭାରତୀୟ କଳା ସଂସ୍କୃତିର ଝଲକ ଦେଖିବାକୁ ମିଳିଛି । ନାଗର ଶୈଳୀରେ ନିର୍ମାଣ ହୋଇଥିବା ଏହି ମନ୍ଦିର ଗୁଜରାଟର ସୋମନାଥ, କାଶୀ ବିଶ୍ୱନାଥଙ୍କ ମନ୍ଦିରର ଭ୍ରମ ସୃଷ୍ଟି କରୁଛି । ୨୭ ଏକର ଜମିରେ ନିର୍ମିତ ଏହି ମନ୍ଦିରରେ ଖର୍ଚ୍ଚ ହୋଇଛି ପ୍ରାୟ ୭୦୦ କୋଟି ଟଙ୍କା । ଏହି ମନ୍ଦିରରେ ସାତୋଟି ଶିଖର ନିର୍ମାଣ କରାଯାଇଛି ଯେଉଁଥିରେ ପ୍ରଭୁ ରାମ, ଭଗବାନ ଶିବ, ଜଗନ୍ନାଥ, କୃଷ୍ଣ, ସ୍ୱାମୀନାରାୟଣ, ତିରୁପତି ବାଲାଜୀ ଏବଂ ଭଗବାନ ଆୟାପ୍ପାଙ୍କ ମୂର୍ତ୍ତି ରହିଛି । ୟୁନାଇଟେଡ୍ ଆରବ ଏମିରେଟସରେ ଏହା ହେଉଛି ପ୍ରଥମ ମନ୍ଦିର ଯାହା ସଂପୂର୍ଣ୍ଣ ଭାବେ ପଥରରେ ନିର୍ମିତ ହୋଇଛି । ମନ୍ଦିରରେ ବ୍ୟବହାର ହୋଇଥିବା ଗୋଲାପି ପଥର ରାଜସ୍ଥାନରୁ ଆସିଥିବା ବେଳେ ଧଳା ଇଟାଲିଆନ୍ ମାର୍ବଲ ଇଟାଲୀରୁ ଆସିଛି । ଗ୍ରାନାଇଟ୍ ଓ ଧଳା ମାର୍ବଲରେ ନିର୍ମାଣ ଏହି ମନ୍ଦିର ବେଶ୍ ମନମୁଗ୍ଧକର । ମନ୍ଦିରରେ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ବି ନିଖୁଣ ଭାବେ ନିର୍ମାଣ କରାଯାଇଛି ।

ଇଅଲଗ ସ୍ୱାମୀ ମିନାରାୟଣ ମନ୍ଦିରର ଉଚ୍ଚତା ୧୦୮ ଫୁଟ, ୨୬୨ ଫୁଟ ଲମ୍ବ ଏବଂ ଚଉଡା ୧୮୦ ଫୁଟ ରହିଛି । ମନ୍ଦିର ନିର୍ମାଣ ପାଇଁ ୨୦,୦୦୦ ଟନରୁ ଅଧିକ ପଥର ଏବଂ ମାର୍ବଲ ୭୦୦ କଣ୍ଟେନରରେ ଭର୍ତ୍ତି କରି ଅବୁଧାବିକୁ ଅଣାଯାଇଥିଲା । ଦୁଇ ଦିନିଆ ୟୁଏଇ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଅବୁଧାବିରେ ପହଞ୍ଚିଥିଲେ । ବିମାନବନ୍ଦରରେ ମୋଦିଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ ୟୁଏଇ ରାଷ୍ଟ୍ରପତି ଜାୟେଦ୍ । ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବା ସହ ଅନେକ ନିବେଶ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏଥିସହ ଆବୁଧାବିରେ ୟୁପିଆଇ ରୂପେ କାର୍ଡ ପ୍ରଚଳନ ଶୁଭାରମ୍ଭ କରିଛନ୍ତି ଉଭୟ ରାଷ୍ଟ୍ର ନେତା ।

# କୁର୍ତ୍ତା ପାଇଜାମା ପିନ୍ଧିବେ ଭାରତୀୟ ନୌସେନା

**ନୂଆଦିଲ୍ଲୀ:** ଏଥର କୁର୍ତ୍ତା ପାଇଜାମା ଓ କୁର୍ତ୍ତା ଚୁଡିଦାର ପିନ୍ଧିବେ ଭାରତୀୟ ନୌସେନା । ଭାରତୀୟ ନୌସେନାର ଅଫିସର୍ସ ମେସରେ ନୂଆ ଡ୍ରେସ୍ କୋଡ୍ ଲାଗୁ କରାଯାଇଛି । ଖୁବଶୀଘ୍ର ଭାରତୀୟ ନୌସେନାର କର୍ମଚାରୀମାନେ ମଧ୍ୟ ବେଡରୁମ ଓ ଅଫିସର୍ସ ମେସ୍(ରେଷ୍ଟୁରାଣ୍ଟ)ରେ ପାରମ୍ପରିକ ପୋଷାକରେ ନଜର ଆସିବେ । ଏଥିପାଇଁ ମଞ୍ଜୁରୀ ମିଳିଛି । ଭାରତୀୟ ସଂସ୍କୃତିକୁ ଧ୍ୟାନରେ ରଖି ଏହି ଡ୍ରେସକୁ ନୌସେନାରେ ସାମିଲ କରାଯାଇଛି । ଡ୍ରେସ୍ କୋଡରେ କୁର୍ତ୍ତା, ପାଇଜାମା ଓ ଚୁଡିଦାର ତଥା ପ୍ଲାଜୋକୁ ସାମିଲ କରାଯାଇଛି । ଭାରତୀୟ ନୌସେନାର ନାବିକମାନେ ପାରମ୍ପରିକ ଭାରତୀୟ ପୋଷାକ ପିନ୍ଧି ୱାର୍ଡରୁମ ଏବଂ ଅଧିକାରୀଙ୍କ ମେସ (ରେଷ୍ଟୁରାଣ୍ଟ) କୁ ଆସିପାରିବେ । କୁର୍ତ୍ତାର ରଙ୍ଗ ଆକାସିଆ ନୀଳ ଓ ପାଇଜାମା ରଙ୍ଗ ଧଳା ହୋଇଥିବା ବେଳେ ଜ୍ୟାକେଟର ରଙ୍ଗ ନେଭି ବ୍ଲୁ



ରହିଛ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସେନାରୁ ଅବସର ନେଇଥିବା ଶୌର୍ଯ୍ୟ ଚକ୍ର ବିଜେତା ବ୍ରିଗେଡିୟର୍ ହରଦୀପ ସିଂହ ସୋହି ତାଙ୍କ ଏକ୍ସ ଆକାଉଣ୍ଟରେ ଫଟୋ ପୋଷ୍ଟ କରି ଭାରତୀୟ ନୌସେନାର ନୂତନ ଆଦେଶ ବିଷୟରେ ସୂଚନା ଦେଇଛନ୍ତି । ଫଟୋଟି କୁର୍ତ୍ତା-ପାଇଜାମା ଏବଂ ଜ୍ୟାକେଟର, ଯାହାକୁ ନୌସେନା କର୍ମଚାରୀମାନେ ପିନ୍ଧିବାକୁ ଅନୁମତି ପାଇଛନ୍ତି । ନୌସେନା ଦ୍ୱାରା ଜାରି ବିଜ୍ଞପ୍ତିରେ ନୂତନ ଡ୍ରେସ କୋଡ ସମ୍ବନ୍ଧରେ କିଛି ନିୟମ ଏବଂ ସର୍ତ୍ତ ରହିଛି, ଯାହାକୁ କଡାକଡି ପାଳନ କରିବାକୁ କୁହାଯାଇଛି । ନିର୍ଦ୍ଦେଶ ଅନୁଯାୟୀ, କୁର୍ତ୍ତା-ପାଇଜାମା ସ୍ଲିଭଲେସ ଜ୍ୟାକେଟ ଏବଂ ପାରମ୍ପରିକ ଜୋତା କିମ୍ବା ଚପଲ ପିନ୍ଧାଯିବ । ମହିଳା ନାବିକମାନେ ଚୁଡିଦାର କିମ୍ବା ପ୍ଲାଜୋ ସହିତ କୁର୍ତ୍ତା ପିନ୍ଧିବେ, କିନ୍ତୁ ଏହି ପାରମ୍ପରିକ ଭାରତୀୟ ପୋଷାକ କେବଳ ପର୍ବପର୍ବାଣୀରେ ଏବଂ ଅଫିସର୍ଙ୍କ ମେସରେ ପିନ୍ଧାଯିବ । ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ଧ୍ୟାନରେ ରଖି ଏହି ଡ୍ରେସ କୋଡ ଲାଗୁ କରାଯାଇଛି ।

କୁର୍ତ୍ତାର କଲର ଓପନ କିମ୍ବା କ୍ଲୋଜ୍ ରଖାଯାଇପାରିବ, କିନ୍ତୁ ଏହାର ରଙ୍ଗ କେବଳ ସିଲିଡ ଟୋନରେ ରହିବା ଆବଶ୍ୟକ । ଏହାର ଲମ୍ବ ଆଣ୍ଠୁ ପର୍ଯ୍ୟନ୍ତ ହେବା ଉଚିତ । ହାତରେ କଫଲିଙ୍କ୍ସ ରହିବା ଉଚିତ । ପାଇଜାମା ଟ୍ରାଉଜର ପରି ହେବା ଜରୁରୀ । ଇଲାଷ୍ଟିକ ଅଣ୍ଟା ଏବଂ ପକେଟ ରହିବା ଆବଶ୍ୟକ । ଡ୍ରେସ ସିଲେଇ ହେବାବେଳେ ମହିଳାମାନଙ୍କୁ ଭାରତୀୟ ପରମ୍ପରାକୁ ଧ୍ୟାନରେ ରଖିବାକୁ ପଡିବ ।ଗତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୫ ଟି ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ଗୋଟିଏ ପ୍ରତିଶ୍ରୁତି ଥିଲା ଉପନିବେଶ ପରମ୍ପରାକୁ ଶେଷ କରିବା । ଏହି ପଦକ୍ଷେପ ଅନୁଯାୟୀ, ନୌସେନାରେ ଥିବା ଡ୍ରେସ କୋଡ ପରିବର୍ତ୍ତନ କରାଯାଇଥିଲା । ଏହା ବ୍ୟତୀତ ନୌସେନାରେ ନାବିକମାନଙ୍କ ପଦବୀକୁ 'ଇଣ୍ଡିଆନାଇଜ' କରିବାକୁ ପ୍ରସ୍ତୁତି ଚାଲିଛି । ଆଗକୁ ସ୍ଥଳସେନା ଓ ବାୟୁସେନା ଅଫିସର୍ସ ମେସରେ ମଧ୍ୟ ଏହି ଭଳି କିଛି ଡ୍ରେସ୍ କୋଡ୍ ଲଗୁ କରାଯିବ ବୋଲି ସୂଚନା ମିଳିଛି ।

# ଆଜିଠୁ ତୃତୀୟ ଟେଷ୍ଟ

## ଡେବ୍ୟୁ ଅପେକ୍ଷାରେ ସର୍ଫରାଜ, ଜୁରେଲ





ରାଜକୋଟ୍,୧୪।୨(ଏଜେନ୍ସି): ଭାରତ-ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ତୃତୀୟ ମ୍ୟାଚ ଗୁରୁବାର ଠାରୁ ରାଜକୋଟରେ ଆରମ୍ଭ ହେବାକୁଯାଉଛି । ଏଥିପାଇଁ ଉଭୟ ଦଳ ଜୋରଦାର ଅଭ୍ୟାସ ଶେଷ କରିଛନ୍ତି । ଇଂଲଣ୍ଡ ଦଳରେ ସାମାନ୍ୟ ପରିବର୍ତ୍ତନ ରହିବାର ଆଶଙ୍କା ରହିଥିବା ବେଳେ ଭାରତୀୟ ଦଳରେ ଏକାଧିକ ଯୁବ ଖେଳାଳି ଡେବ୍ୟୁ କରିବାର ସମ୍ଭାବନା ଅଛି ।

ବିଶାଖାପଟନମ ମ୍ୟାଚରେ ଭାରତୀୟ ଦଳ ବିଜୟୀ ହୋଇଥିଲା । ଏହା ସତ୍ତ୍ୱେ ତୃତୀୟ ମ୍ୟାଚ ପାଇଁ ଏକାଦଶରେ ପରିବର୍ତ୍ତନ ହେବାରେ ଆଭାସ ମିଳିଛି । ଶ୍ରେୟାସ ଆୟର ଓ ଲୋକେଶ ରାହୁଲ ଦଳରେ ନାହାନ୍ତି । ବର୍ତ୍ତମାନ ଦୁଇଟି ସ୍ଥାନ ପାଇଁ ଦୌଡ଼ରେ ରହିଛନ୍ତି ୩ ଯୁବ ବ୍ୟାଟର । ଗତ ମ୍ୟାଚରେ ରାହୁଲଙ୍କ ସ୍ଥାନରେ ରଜତ ପଟିଦାର ପଦାର୍ପଣ କରିଥିଲେ । ଏଥର ମଧ୍ୟ ଏକାଦଶରେ ବଜାୟ ରଖିବାର ସମ୍ଭାବନା ଅଛି । ଆୟରଙ୍କ ସ୍ଥାନରେ ସର୍ଫରାଜ ଖାନ୍ ଓ ଦେବଦତ୍ତ ପଡିକାଲଙ୍କ ମଧ୍ୟରେ ଜଣେ ଡେବ୍ୟୁ କରିବେ । ସର୍ଫରାଜଙ୍କ ଖେଳିବା ସମ୍ଭାବନା ଅଧିକ ରହିଛି । ମାତ୍ର ରାଜକୋଟ ପିଚ ବ୍ୟାଟିଂ ପାଇଁ ଅନୁକୁଳ ରହିଥିବାରୁ ଇଂଲଣ୍ଡ ସ୍ପିନର ମୁକାବିଲା କରିବା ପାଇଁ ବାମହାତି ବ୍ୟାଟରଙ୍କ ପ୍ରାଧାନ୍ୟ ରହିବ । ଇଂଲଣ୍ଡର ସ୍ପିନର ଟମ୍ ହାଟଲି ବାମହାତି ସ୍ପିନର ଓ ରୋହନ ଅହମ୍ମଦ ଓ ଡାହାଣହାତି ଲେଗ୍ ସ୍ପିନର ଉଭୟଙ୍କ ବିପକ୍ଷରେ ଜଣେ ବାମହାତି ବ୍ୟାଟର ଅଧିକ ସଫଳ ହେବେ । ଆହତ ସମସ୍ୟା ଯୋଗୁଁ ୨ୟ ଟେଷ୍ଟ ଖେଳିନଥିବା ରବିନ୍ଦ୍ର ଜାଡେଜା ଫିଟ୍ ଘୋଷିତ ହୋଇଛନ୍ତି । ନେଟ୍ସରେ ସେ ଜୋରଦାର ଅଭ୍ୟାସ କରିଥିଲେ । ରାଜକୋଟ ମଧ୍ୟ ତାଙ୍କ ଘରୋଇ ଗ୍ରାଉଣ୍ଡ । ଏହି ଗ୍ରାଉଣ୍ଡରେ ସେ ଗୋଟିଏ ତ୍ରିଶତକ ଓ ଦୁଇଟି ଦ୍ୱି-ଶତକ (ରଣଜୀ ଟ୍ରଫି) ଅର୍ଜନ କରିଛନ୍ତି । ନେଟ୍ସରେ ଜାଡେଜା ଦୀର୍ଘ ସମୟ ଧରି ବ୍ୟାଟିଂ ଅଭ୍ୟାସ କରିଥିଲେ । ଦଳର ଅନ୍ୟ ୪ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ତାଙ୍କୁ ବୋଲିଂ କରିଥିଲେ । ବ୍ୟାଟିଂ ପରେ ଜାଡେଜା ତୁରନ୍ତ ବୋଲିଂ ଅଭ୍ୟାସ କରିଥିଲେ । ନେଟ୍ସରେ ଶୁଭମନ ଗିଲ, ଯଶପ୍ରୀତ ବୁମରା, ଦେବଦତ୍ତ ପଡିକାଲ, ଆକାଶଦୀପଙ୍କୁ ଦେଖିବାକୁ ମିଳିନଥିଲା । ଦ୍ୱିତୀୟ ଟେଷ୍ଟରେ ଫିଲ୍ଡ କରୁଥିବା ବେଳେ ଗିଲଙ୍କ ବିସି ଆଙ୍ଗୁଠିରେ ଆଘାତ ଲାଗିଥିଲା । ତେଣୁ ତାଙ୍କୁ ଅଭ୍ୟାସରୁ ବିରତ ରଖାଯାଇଛି । ଆହତ ସମସ୍ୟା ଗୁରୁତର ନୁହେଁ, ତେଣୁ ସେ ମ୍ୟାଚ ଖେଳିବେ । ନବାଗତ ୱିକେଟ୍‌କିପର ଧ୍ରୁବ ଜୁରେଲ ମଧ୍ୟ ରାଜକୋଟରେ ପଦାର୍ପଣ କରିବାର ସମ୍ଭାବନା ରହିଛି ।

### କିଭଳି ରହିବ ପିଚ

ରାଜକୋଟ ମ୍ୟାଚରେ ବିଜୟ ଉଭୟ ଦଳ ପାଇଁ ଜରୁରୀ ହୋଇପଡିଛି । ଏଠାକାର ପିଚ ଧିମା ରହିବ ବୋଲି ଅନୁମାନ କରାଯାଉଛି । ଅନ୍ୟ ଅର୍ଥରେ ଏହା ସ୍ପିନରଙ୍କ ପାଇଁ ଭୂସ୍ୱର୍ଗ ପାଲଟିବ ବୋଲି କୁହାଯାଇପାରେ । ପୂର୍ବରୁ ଏଠାରେ ଦୁଇଟି ମ୍ୟାଚ ଖେଳାଯାଇଛି । ଗୋଟିଏ ଡ୍ର' ରହିଥିବା ବେଳେ ଅନ୍ୟ ମ୍ୟାଚରେ ଭାରତର ଜିତିଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦଳ ଫାଇଦାରେ ରହିବ ।

### ୧୦୦ତମ ମ୍ୟାଚ ଖେଳିବେ ଷ୍ଟୋକ୍ସ

ଏହି ମ୍ୟାଚରେ ବେନ୍ ଷ୍ଟୋକ୍ସ ତାଙ୍କ ଟେଷ୍ଟ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିବାକୁ ଯାଉଛନ୍ତି । ଏଥିସହ ସେ ଇଂଲଣ୍ଡର ୧୬ତମ ଖେଳାଳି ଭାବେ ଗୌରବ ଅର୍ଜନ କରିବେ । ପୂର୍ବରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡର ୧୫ଜଣ ଲେଖାଏଁ ଟେଷ୍ଟ ଖେଳିସାରିଛନ୍ତି । ଅଧିନାୟକ ଭାବେ ରାହୁଲ ଦ୍ରାବିଡଙ୍କ ରେକର୍ଡ ସହ ସମକକ୍ଷ ହେବା ପାଇଁ ରୋହିତ ଶର୍ମାଙ୍କ ନିକଟରେ ସୁଯୋଗ ରହିଛି । ଦ୍ରାବିଡ ୨୫ ଟେଷ୍ଟରେ ୮ ମ୍ୟାଚରେ ଦଳକୁ ଜିତାଇଥିବା ବେଳେ ରୋହିତ ୭ଟିରେ ବିଜୟୀ କରାଇଛନ୍ତି ।



### ଅଶ୍ୱିନୀଙ୍କ ପାଇଁ ୫୦୦ ୱିକେଟ୍ ସୁଯୋଗ

ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏହି ମ୍ୟାଚରେ ଭାରତର ଦ୍ୱିତୀୟ ବୋଲର ଭାବେ ୫୦୦ ୱିକେଟ୍ ହାସଲ କରିବାକୁ ଯାଉଛନ୍ତି । ଏଥିପାଇଁ ସେ ଆଉ ଗୋଟିଏ ୱିକେଟ୍ ପଛରେ ଅଛନ୍ତି । ସେହିଭଳି ଇଂଲଣ୍ଡର ଜେମ୍ସ ଆଣ୍ଡରସନ୍ ଆଉ ୫ ୱିକେଟ୍ ନେଲେ ଟେଷ୍ଟ କ୍ରିକେଟ୍‌ରେ ୭୦୦ ୱିକେଟ୍ ହାସଲ କରିବେ । ଇଂଲଣ୍ଡର ପ୍ରଥମ ଏବଂ ବିଶ୍ୱ କ୍ରିକେଟ୍‌ରେ ତୃତୀୟ ବୋଲର ଭାବେ କୀର୍ତ୍ତିମାନ ସ୍ଥାପନ କରିବେ ଆଣ୍ଡରସନ୍ । ତାଙ୍କ ପୂର୍ବରୁ ସେନ୍ ୱର୍ଣ୍ଣ ୭୦୮ ୱିକେଟ୍ ଓ ମୁଥିଆ ମୁରଲିଧରନ ୮୦୦ ୱିକେଟ୍ ଅକ୍ତିଆର କରି ଏହି ମାଇଲଖୁଣ୍ଟ ଅତିକ୍ରମ କରିସାରିଛନ୍ତି ।

### ଖେଳିନପାରନ୍ତି ବୁମରା

ରାଜକୋଟର ଅଭ୍ୟାସ ସେସନ୍‌ରେ ଯଶପ୍ରୀତ ବୁମରାଙ୍କୁ ଦେଖିବାକୁ ମିଳିନଥିଲା । ବିଶେଷ ସୂତ୍ରରୁ ଜଣାପଡିଛି ଯେ, ସେ ଏବେ ରାଜକୋଟରେ ପହଞ୍ଚିନାହାନ୍ତି । ତଥାପି ଆଶା କରାଯାଉଛି ସେ ଖୁବ୍ ଶୀଘ୍ର ଟିମ୍ ସହ ଯୋଗଦେବେ । ଯଦି ବୁମରା ଟିମ୍ ପାଇଁ ନଖେଳିବେ ତେବେ ଦଳ ପଞ୍ଚମ ବୋଲର ବଦଳରେ ଜଣେ ଅତିରିକ୍ତ ବ୍ୟାଟରଙ୍କୁ ନେଇ ମୈଦାନକୁ ଓହ୍ଲାଇବ ।

**ସମ୍ଭାବ୍ୟ ଭାରତୀୟ ଦଳ:**

ରୋହିତ ଶର୍ମା (ଅଧିନାୟକ), ଯଶପ୍ରୀତ ବୁମରା, ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ, ରଜତ ପଟିଦାର, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ, କେଏସ୍ ଭରତ, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର, ମହମ୍ମଦ ସିରାଜ, ମୁକେଶ କୁମାର ଓ ଆକାଶଦୀପ ।

**ଇଂଲଣ୍ଡ ଦଳ:**

ବେନ୍ ଷ୍ଟୋକ୍ସ (ଅଧିନାୟକ), ବେନ୍ ଡକେଟ, ଲରେନ୍ସ, ଜୋ ରୁଟ୍, ଓଲି ପୋପ, ଜ୍ୟାକ କ୍ରାଉଲି, ରେହାନ ଅହମ୍ମଦ, ବେନ ଫୋକ୍ସ, ଜନି ବେୟାରଷ୍ଟୋ, ଗ୍ୟାସ ଆଟିକ୍ସ ସନ୍, ଜେମ୍ସ ଆଣ୍ଡର ସନ୍, ମାର୍କ ଉଡ, ଓଲି ରବିନ ସନ୍, ସୋଏବ ବସିର ଓ ଟମ୍ ହାଟଲେ ।

## ବ୍ୟାଡ଼ମିଣ୍ଟନ ଏସିଆ ଟିମ୍ ଚାମ୍ପିଅନ୍‌ସିପ୍

# ଚୀନ୍‌କୁ ହରାଇଲା ଭାରତ



ନୂଆଦିଲ୍ଲୀ,୧୪।୨(ଏଜେନ୍ସି): ଆହତ ସମସ୍ୟା ଦେଇ ଗତି କରିଥିବା ବ୍ୟାଡ଼ମିଣ୍ଟନ ତାରକା ପିଭି ସିନ୍ଧୁ ୪ ମାସ ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି । ବୁଧବାର ବ୍ୟାଡ଼ମିଣ୍ଟନ ଏସିଆ ଟିମ୍ ଚାମ୍ପିଅନ୍‌ସିପ୍ ମହିଳା ବର୍ଗରେ ଭାରତ ୩-୨ ବ୍ୟବଧାନରେ ଶକ୍ତିଶାଳୀ ଚୀନକୁ ପରାସ୍ତ କରିଛି । ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଥିଲେ । ଗ୍ରୁପ୍ ଡବ୍ଲ୍ୟୁରେ ଭାରତ ସ୍ଥାନ ପାଇଥିଲା । ଏହି ଗ୍ରୁପ୍‌ରେ କେବଳ ଦୁଇଟି ଦଳ ଥିବାରୁ ଭାରତ ମ୍ୟାଚ ଖେଳିନଥିଲେ ମଧ୍ୟ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥାନ୍ତା । ତେବେ ଚୀନ୍ ବିପକ୍ଷ ମ୍ୟାଚରେ ଭାରତୀୟ ଖେଳାଳି ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ଦଳକୁ ବିଜୟୀ କରିଛନ୍ତି । ଗତବର୍ଷ ଅକ୍ଟୋବରରେ ଶେଷ ମ୍ୟାଚ ଖେଳିଥିବା ସିନ୍ଧୁ ଆଣ୍ଠୁ ଇଞ୍ଜୁରୀରୁ ମୁକୁଳି ପୁଣି ରଣାଙ୍ଗନକୁ ଓହ୍ଲାଇଛନ୍ତି । ସେ ଚୀନ୍‌ର ଉଚ୍ଚ ର୍‌ୟାଙ୍କ ଖେଳାଳି ହାନ୍ ୟୁଙ୍କୁ ୨୧-୧୭, ୨୧-୧୫ ଗେମ୍‌ରେ ୪୦ ମିନିଟ୍ ମଧ୍ୟରେ ପରାସ୍ତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ । ସିନ୍ଧୁ ବିଶ୍ୱ ମାନ୍ୟତାରେ ୧୧ତମ ସ୍ଥାନରେ ରହିଥିବା ବେଳେ ୟୁଇ ଅଷ୍ଟମ ସ୍ଥାନରେ ରହିଛନ୍ତି । ତନିସା-ଅଶ୍ୱିନୀ ପୋନାପ୍ପାଙ୍କ ଯୋଡି ୧୯-୨୧, ୧୬-୨୧ ଗେମ୍‌ରେ ଲିୟୁ ସେଙ୍ଗ-ଟାଙ୍ଗ ନିନ୍‌ଙ୍କ ନିକଟରୁ ହାରିଯାଇଥିଲେ । ଭାରତର ଅନ୍ୟତମ ତାରକା ଅସ୍ମିତା ଚଲିହା ୧୩-୨୧, ୧୫-୨୧ ସେଟ୍‌ରେ ବିଶ୍ୱର ନଂ.୯ ଖେଳାଳି ୱାଙ୍ଗ ଜି ୟିଙ୍ଗଙ୍କ ନିକଟରୁ ହାରିଯାଇଥିଲେ । ତ୍ରିସା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ ୧ ଘଣ୍ଟା ୯ ମିନିଟ୍‌ରେ ଲି ଇ ଜିଙ୍ଗ-ଲୁଓ ସୁ ମିନ୍‌ଙ୍କୁ ୧୦-୨୧, ୨୧-୧୮, ୨୧-୧୭ ଗେମ୍‌ରେ ପରାସ୍ତ କରି ଭାରତକୁ ୨-୨ ବ୍ୟବଧାନରେ ସମାନ ସ୍ଥିତିକୁ ଆଣିଥିଲେ । ନିର୍ଣ୍ଣାୟକ ସ୍ଥିତିରେ ଅନମୋଲ ବିଶ୍ୱର ୧୪୯ ନମ୍ବର ଖେଳାଳି ଆଓ ୟୁଙ୍କୁ ୨୨-୨୦, ୧୪-୨୦, ୨୧-୧୮ ଗେମ୍‌ରେ ପରାସ୍ତ କରି ଭାରତକୁ ୩-୧ ବ୍ୟବଧାନରେ ବିଜୟୀ କରିଥିଲେ । ପରବର୍ତ୍ତୀ ମ୍ୟାଚରେ ଭାରତୀୟ ଦଳ ହଂକଂଙ୍କୁ ଭେଟିବ ।

## ଜାତୀୟ ସବ୍‌ଜୁନିୟର ରଗବୀ: ଓଡ଼ିଶା ଉପବିଜେତା

ଭୁବନେଶ୍ୱର,୧୪।୨(ସବ୍ୟୁ): ଅହମ୍ମଦାବାଦର ଆଇଆଇଟି ଗାନ୍ଧୀନଗର ଠାରେ ଜାତୀୟ ସବ୍‌ଜୁନିୟର ରଗବୀ-୭ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ବାଳକ ଓ ବାଳିକା ଦଳ ଉଭୟବିଜେତା ହେବା ସହ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ମୋଟ୍ ୨୭ଟି ଦଳ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ବାଳକ ଦଳ ଲିଗ୍ ପର୍ଯ୍ୟାୟରେ ଡାମନଡ୍ୟୁକୁ ୨୫-୦, ଦିଲ୍ଲୀକୁ ୫-୦, ଓଡ଼ିଶାକୁ ୧୦-୦, ପରାଜିତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି କ୍ୱାର୍ଟର ମୁକାବିଲାରେ ଝାଡ଼ଖଣ୍ଡକୁ ୫-୦, ସେମିଫାଇନାଲରେ କେରଳକୁ ୫-୦ ବ୍ୟବଧାନରେ କିନ୍ତୁ ଫାଇନାଲରେ ବିହାର ନିକଟରୁ ୨୫-୦ରେ ହାରିଯାଇଥିଲା । ବାଳିକା ବର୍ଗରେ ଓଡ଼ିଶା ୧୫-୦ରେ ଆସାମକୁ, ୪୦-୦ରେ ହିମାଚଳକୁ, ୧୦-୫ରେ ଦିଲ୍ଲୀକୁ ହରାଇ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲା । ସେହିଭଳି କ୍ୱାର୍ଟରରେ ଓଡ଼ିଶା ୫-୦ରେ ଆନ୍ଧ୍ରପ୍ରଦେଶକୁ ତଥା ସେମିଫାଇନାଲରେ କେରଳକୁ ୧୫-୦ରେ ହରାଇଥିବା ବେଳେ ଫାଇଡ଼ାଲରେ ବିହାର ନିକଟରୁ ୫-୦ରେ ପରାଜିତ ହୋଇ ଉପବିଜେତାରେ ସନ୍ତୁଷ୍ଟ ହୋଇଛି ।

## ।।। ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ।।।

# ଗୋପବନ୍ଧୁ କ୍ରିକେଟ କ୍ଲବକୁ ହରାଇ କଟକର ନିମପୁର ସେମିରେ

ଡେରାବିଶ,୧୪।୨(ସବ୍ୟୁ): ଡେରାବିଶ ମିନିଷ୍ଟାଡିୟମରେ ଚାଲିଥିବା ରାଜ୍ୟ ସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଂଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ଆଜି ଇନ୍ଦୁପୁର ଗୋପବନ୍ଧୁ କ୍ରିକେଟ କ୍ଲବକୁ ହରାଇ କଟକର ନିମପୁର ସ୍ପୋର୍ଟ୍ସ କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଆଜିର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ନିମପୁର ସ୍ପୋର୍ଟ୍ସ କ୍ରିକେଟ କ୍ଲବ ଟସ ଜିତି ଇନ୍ଦୁପୁର ଗୋପବନ୍ଧୁ କ୍ରିକେଟ କ୍ଲବକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଗୋପବନ୍ଧୁ କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖିନ ହୋଇ ୨୦.୩ ଓଭରରେ ସମସ୍ତ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା । ନିମପୁର କ୍ରିକେଟ କ୍ଲବର ମହମ୍ମଦ ଇରଫାନ ୨୯ ରନ ଦେଇ ୫ ୱିକେଟ ଦଖଲ କରିଥିଲେ । ଜବାବରେ ନିମପୁର ସ୍ପୋର୍ଟ୍ସ କ୍ରିକେଟ କ୍ଲବ ୧୯.୪ ଓଭରରେ ୧ ୱିକେଟ ହରାଇ ୧୩୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହି ମ୍ୟାଚକୁ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଉଦଘାଟନ କରିବା ସହିତ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପାଟକୁରା କଂଗ୍ରେସନେତା ରତିକାନ୍ତ କାନୁନଗୋ ଯୋଗଦେଇ ନିମପୁର ଟିମର ମହମ୍ମଦ ଇରଫାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦେଇଥିଲେ । ଓସିଏ ପ୍ୟାନେଲ ଅମ୍ପାୟାର ପ୍ଲାବନ ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ଖେଳ ପରିଚଚାଳନା କରିଥିବା ବେଳେ ସାହାଜାନ ଖାଁ , ତ୍ରିଲୋଚନ ରାଉତ, ଅନୂପ ରାଉତ, ଅବିନାଶ କାଣ୍ଡି, ଅଶୋକ କୁମାର ବଘେଲ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଭାତ୍ ସ୍ମାରକୀ କ୍ରିକେଟ୍ ଉଦ୍‌ଯାପିତ ସିରିଏସ୍ ଇଲେଭେନ୍ ଗଞ୍ଜା ଚାମ୍ପିଅନ୍

ରାଜକନିକା,୧୪।୨(ସବ୍ୟୁ): ରାଜକନିକା ବ୍ଲକ୍ ହଟିଆପଡ଼ାର ମା' ବାଟ ମଙ୍ଗଳା ଯୁବକ ସଙ୍ଘ ଆନୁକୂଲ୍ୟରେ ଚାଲିଥିବା ପ୍ରଭାତ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସିରିଏସ୍ ଇଲେଭେନ୍ ଗଞ୍ଜା , ଉଦୟ କ୍ରିକେଟ୍ କ୍ଲବ୍ ଗିରିଆକୁ ୨୨ ରନ ରେ ପରାସ୍ତ କରି ଚାମ୍ପିଅନ୍ ହୋଇଛି । ଗଞ୍ଜା ପ୍ରଥମେ ବ୍ୟାଟିଂ କରି ୧୮୯ ରନ କରିଥିବେବେଳେ ଗିରିଆ ୧୬୭ ରନ କରି ପରାଜୟ ବରଣ କରିଛି । ବିଶିଷ୍ଟ ସାହିତ୍ୟିକ ପତିତପାବନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଉପସଭାପତି ତଥା କ୍ରିଡ଼ାବିତ୍ କୃଷ୍ଣ ଚନ୍ଦ୍ର ପଣ୍ଡା , ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦିଗମ୍ବର ଶତପଥି , ସାମାଜିକ କର୍ମୀ ଗଗନ ଶଙ୍ଖ , କୋରନ୍ଦ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସେଠୀ, ନାଏବ ସରପଞ୍ଚ ବିଚିତ୍ର କୁମାର ବାରିକ ଓ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜନ କୁମାର ସେଠୀ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୪ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଦଳକୁ ୨ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ । କିଶୋର ବେହେରା ଓ ରଞ୍ଜନ ସେଠୀ ଖେଳ ପରିଚାଳନା କରିଥିବାବେଳେ ବିଜେତା ଦଳର ଦିବ୍ୟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ଉପବିଜେତା ଦଳର ଅଜିତ୍ ଙ୍କୁ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଗବନ୍ଧୁ , ମୂରଲୀ, କୃଷ୍ଣଚନ୍ଦ୍ର, ଜଗନ, ଅଜୁ, କିଶୋର, ଆଦେଶ, ମଣି, ପ୍ରକାଶ , ଦିପୁ , କାଳିଆ, ଗୁନିଆ, ମୁନା, ବୁନୁ, ବୁଦ୍ଧିଆ, ସୁରେନ୍ଦ୍ର , ପାପୁନି , ମାୟାଧର ଓ କ୍ରିଷ୍ଣା ନାନୀ ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।







## ସିପୁ ମେମୋରିଆଲ ତୃତୀୟ ବାର୍ଷିକ କ୍ରିକେଟ୍

କୁଆଖିଆ,୧୪।୨(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ସାରଙ୍ଗପୁର ମେଲଣ ପଡିଆରେ ମା ଥାନପତି କ୍ରିକେଟ କ୍ଲବକୁ ହରାଇ ମାତ୍ର ୫୨ ରନ୍ କରି ପରାସ୍ତ ହୋଇଛି । ସେହିପରି ମା ସରସ୍ୱତି ୧୧ ଷ୍ଟାର ଜଗତସିଂହପୁର ଥାନପତି ସାରଙ୍ଗପୁରକୁ ହରାଇଥିବା ବେଳେ ଜମଧର ମଙ୍ଗଳପୁର ଦଳକୁ ହରାଇଛି । ଜମଧର ୧୦ ଓଭରରେ ୯୬ ରନ୍ କରିଥିବା ବେଳେ ମଙ୍ଗଳପୁର ୪୮ ରନ୍ କରି ସମସ୍ତ ୱିକେଟ ହରାଇଥିଲେ । ଏହି ସିପୁ କପ୍ ୧୧ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ବୀଣାପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବୁଗୁଡ଼ି ମହାବୀର ଚାମ୍ପିଅନ

ସୋର,୧୪।୨(ସବ୍ୟୁ): ସୋର ବ୍ଲକ ମଙ୍ଗଳପୁର ନୂଆଡାହି ପଡ଼ିଆରେ ଷଷ୍ଠତମ ମଙ୍ଗଳପୁର ବୀଣାପାଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳକୁ ଗୋପିନାଥପୁର ସରପଞ୍ଚ ବନୀତା ପଣ୍ଡା ଫିତାକାଟି ଉଦ୍ଘାଟନ କରିଥିଲେ । ଖେଳରେ ମହୁମୁହାଣ, ଅଭଣା, ଆଟପୁର, ଆରୁହାବାଡ଼, ଆଡ଼ିଆ, ଚକପଦା, ବାରାପୁର, ଖରାସାହାପୁର, ପୁଡ଼ାଡିହା, ଶବଟିଆ, ବରଜଦେଉଳି, ବାଗୁଡ଼ି ପ୍ରଭୃତି ୧୨ଟି ଟିମ୍ ଭାଗନେଇଥିଲେ । ଫାଇନାଲ ଖେଳରେ ବରଜଦେଉଳିର ଏମ୍‌କେସିଟି ଏବଂ ବାଗୁଡ଼ିର ମହାବୀର କ୍ରିକେଟ ଟିମ୍ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା । ଖେଳରେ ପ୍ରଥମେ ଟସ୍ ଜିତି ମହାବୀର କ୍ରିକେଟ ଟିମ୍ ବାଗୁଡ଼ି ବେଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରୁ ୮ଟି ୱିକେଟ୍ ବିନିମୟରେ ୧୭୪ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ବରଜଦେଉଳି ଟିମ୍ ନିର୍ଦ୍ଧାରିତ ସମସ୍ତ ଓଭର ଖେଳି ୯ଗୋଟି ୱିକେଟ୍ ବିନିମୟରେ ୧୩୪ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା । ମେନ୍ ଅଫ୍ ଦି ମ୍ୟାଚ ଭାବେ ଦୀପକ ବେହେରା ଏବଂ ମ୍ୟାନ ଅଫ୍ ଦି ସିରିଜ ଭାବେ ଗିରିଜା ଶଙ୍କର ପାଣି ଓ ବେଷ୍ଟ ଫିଲ୍ଡର ଭାବେ ମନୀଷ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଖେଳକୁ କାର୍ତ୍ତିକ ଦାସ, ଅଶେଷ ପଣ୍ଡା, ସୁଶାନ୍ତ ଦାସ, ଶରତ କୁମାର ବେହେରା ଏବଂ ଅଭିଜିତ ମହାନ୍ତି ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶୀବାନୀ ଶଙ୍କର ରାୟ ସମ୍ମାନୀତ ଅତିଥିଭାବେ ବାଲେଶ୍ୱରର ସମାଜସେବୀ ସରୋଜ କୁମାର ଦାସ,ମୁଖ୍ୟ ଉପଦେଷ୍ଟା ସୁଦାମ ଚରଣ ମହାନ୍ତି, ବୀଣାପାଣି କ୍ଲବର ଅଧ୍ୟକ୍ଷ ସଂଜିତ ମହାନ୍ତି ଅତିଥିଭାବେ ଯୋଗଦେଇ ଚମ୍ପିୟନ ଏବଂ ରନର୍ସ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳକୁ ଚନ୍ଦନ କୁମାର ଦାସ,ରମେଶ କୁମାର ପଣ୍ଡା, ରଂଜନ ଦାସ, ସୁଶାନ୍ତ ଦାସ, ମାନସ ରାଉଳ, ଭବାନୀ ଶଙ୍କର ଦାସ, ପ୍ରଦୀପ ଦାସ, ଶ୍ରୀକାନ୍ତ ଦାସ, ପ୍ରମୋଦ ଦାସ, ସୁଭାଶିଷ ବିଶ୍ୱାଳ, ମନୋରଂଜନ ଖିଲାର, ଅଶେଷ ପଣ୍ଡା, ସୁଶାନ୍ତ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ ।


### ସୂଚନା

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541